## ଜମିଲା ଓଡ଼ିଶା ପ୍ରସିଦ୍ଧ ହରିରାଜପୁର ପଞ୍ଚୁଦୋଳ ମେଳଣ

# ଖୁଣ୍ଟିଲାଗି ହେଲେ ୮୫ ଦୋଳ ବିମାନ



ଡେଲାଙ୍ଗ,୮।୩(ସମିସ):

ଓଡ଼ିଶା ପ୍ରସିଦ୍ଧ ଡେଲାଙ୍ଗ ବ୍ଲକ୍ ହରିରାଜପୁର ପଞ୍ଚୁଦୋଳ ମେଳଣର ଜମାଣ ଉତ୍ସବ ରବିବାର ବିଳମ୍ବିତ ରାତିରେ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ଏହି ପ୍ରସିଦ୍ଧ ମେଳଣ ୫ଦିନ ଧରି ଚାଲିବାକୁ ଥିବାବେଳେ ଆସନ୍ତା ୧୨ ତାରିଖ ସନ୍ଧ୍ୟାର ଗୋଧୂଳି ଲଗ୍ନରେ ଖୁଣ୍ଟିଲାଗି ଠାକୁରଙ୍କୁ ନେଇ ଦିଅଁ ମେଳଣ ତଥା ହରିହର ଭେଟ ପରେ ମେଳଣ ସମାପନ କରାଯିବ। ଏହି ପ୍ରସିଦ୍ଧ ମେଳଣ ପଡ଼ିଆଟି ପିପିଲି-ଜଟଣୀ ମୁଖ୍ୟ ରାସ୍ତାର ହରିରାଜପୁର ଛକଠାରୁ ୩୦୦ ମିଟର ଦୂରରେ ଅବସ୍ଥିତ। ପିପିଲିଠାରୁ ୧୦ କି.ମି, ଜଟଣୀଠାରୁ ୪ କି.ମି ଓ ଭୁବନେଶ୍ୱରଠାରୁ କପିଳପ୍ରସାଦ ରାସ୍ତାର୧୫ କି.ମି ଦୂରରେ ଏହି ଐତିହାସିକ ମେଳଣ ପଡ଼ିଆ ଦଣ୍ଡାୟମାନ। ୧୬୩୭ ଖ୍ରୀଷ୍ଟାବ୍ଦ ପୂର୍ବରୁ ଗଜପତି ନରସିଂହ ଦେବଙ୍କ ଶାସନ ସମୟରେ ଏହି ଐତିହାସିକ ମେଳଣ ଅନୁଷ୍ଠିତ ହୋଇ ଆସୁଛି। ୮୫ ଏକର ପରିମିତ ଏହି ପଡ଼ିଆରେ ଅନୁଷ୍ଠିତ ପଞ୍ଚୁଦୋଳ ମେଳଣର ଜମାଣ ରାତ୍ରରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିବା ସହିତ ମେଳଣ ପଡ଼ିଆ ହରିବୋଲ ଓ ହୁଳହୁଳିରେ ପ୍ରକମ୍ପିତ ହୋଇଥିଲା। ଶ୍ରୀପଶ୍ଚିମାଶମ୍ଭୁ ସୋମନାଥ ଦେବଙ୍କ ମନ୍ଦିରରେ ସମସ୍ତ ଦେବନୀତି ସମାପନ କରାଯିବା ପରେ ବିଳମ୍ବିତ ରାତିରେ ସୁସଜ୍ଜିତ ଦୋଳ ବିମାନରେ ପ୍ରଭୁ ମନ୍ଦିରର ପଶ୍ଚିମ ଦ୍ୱାର ଦେଇ ଏକ ବିରାଟ ପଟୁଆରରେ ମେଳଣ ପଡ଼ିଆକୁ ବିଜେଯାତ୍ରା ଆରମ୍ଭ କରିଥିଲେ। ମେଳଣର ସ୍ଥାନାଧିପତି ଶ୍ରୀପଶ୍ଚିମାଶମ୍ଭୁ ସେମାନାଥ ଦେବଙ୍କ ସହିତ ଶ୍ରୀଗୋପାଳଜୀଉ, ଶ୍ରୀବାଳମୁକୁନ୍ଦଦେବ, ରାଜ ପ୍ରତିଷ୍ଠିତ ଦେବ ବିଗ୍ରହ ଶ୍ରୀବୁଢ଼ାପଡ଼ା ସୋମନାଥ ଦେବ, ଛଣଘରର ଶ୍ରୀଗତେଶ୍ୱରଦେବ, କନ୍ତିଆ ଗ୍ରାମର ଶ୍ରୀବାଲୁଙ୍କେଶ୍ୱର ଦେବ ଓ ଟାଙ୍ଗିଭଁସର ଗ୍ରାମର ଶ୍ରୀନୀଳକଣ୍ଠେଶ୍ୱର ଦେବଙ୍କ ଦୋଳବିମାନ ମେଳଣରେ ଏକାଠି ହେବା ପରେ ଆତସବାଜି ପ୍ରଦର୍ଶନ ଆରମ୍ଭ ହୋଇଥିଲା। ସ୍ଥାନାଧିପତି ଶ୍ରୀସୋମନାଥ ଦେବଙ୍କୁ ଖୁଣ୍ଟିଲାଗି ପରେ ଆଖପାଖ ଅଞ୍ଚଳର ବିଭିନ୍ନ ଗ୍ରାମରୁ ଆସିଥିବା ୮୫ ଠାକୁରଙ୍କ ଦୋଳ ବିମାନ ପଡ଼ିଆରେ ଖୁଣ୍ଟିଲାଗି ହୋଇଥିଲେ। ପାରମ୍ପରିକ ଘୋଡ଼ାନାଚ, ନାଗାନୃତ୍ୟ, ଭଜନକୀର୍ତ୍ତନ, ବାଦ୍ୟବିଚିତ୍ରା, ଘଣ୍ଟଘଣ୍ଟା, ତୁରୀ ଓ ଶଙ୍ଖ, ହରିବୋଲ, ହୁଳହୁଳି ଧ୍ୱନୀରେ ମେଳଣ ପ୍ରକମ୍ପିତ ହୋଇଥିଲା। ଏହି ଅବସରରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

ମେଳଣରେ ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ଡେଲାଙ୍ଗ ପୁଲିସ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି। ଏହି ଜମାଣ ରାତ୍ରରେ ପୁଲିସ ଫୋର୍ସ ସହିତ ବୋମା ନିଷ୍କ୍ରିୟକାରୀ ଦଳ, ଅଗ୍ନିଶମ ଗାଡ଼ି ଓ ଅଗ୍ନିକମାନଙ୍କୁ ମୁତୟନ କରାଯାଇଛି। ମେଳଣ ପଡ଼ିଆର ୪ ପାଶ୍ୱର୍ରେ ଅସ୍ଥାୟୀ ପୁଲିସ ଟେଣ୍ଟ ଓ ୱାଚ୍ ଟାୱାର ନିର୍ମାଣ କରାଯିବା ସହିତ ସିସିଟିଭି କ୍ୟାମେରା ଲଗାଯାଇ ଅସାମାଜିକ ଯୁବକ ଓ ପକେଟ୍‌ମାରଙ୍କ ଉପରେ କଡ଼ା ନଜର ରଖାଯାଇଛି।

### ଆତସବାଜି ପ୍ରଦର୍ଶନରେ ଚମକିଲା ମେଳଣ ପଡ଼ିଆ

ଶ୍ରୀପଶ୍ଚିମାଶମ୍ଭୁ ସେମାନାଥ ଦେବ ଏକ ବିରାଟ ପଟୁଆରରେ ମେଳଣ ପଡ଼ିଆକୁ ଯାତ୍ରା ଆରମ୍ଭ କରିବା ପରଠାରୁ ଆତସବାଜିର ପ୍ରଦର୍ଶନ ଆରମ୍ଭ ହୋଇଥିଲା। ପୁରୀ, ବ୍ରହ୍ମପୁର, ଗଞ୍ଜାମ, କଟକ, ଭଦ୍ରକ, ଖୋର୍ଦ୍ଧା, ଡେଲାଙ୍ଗ, କଣାସ ଆଦି ବିଭିନ୍ନ ପ୍ରାନ୍ତରୁ ବାଣୁଆ କାରିଗର ଓ ମାନସିକଧାରୀମାନେ ବାଣମରା ପ୍ରତିଯୋଗିତାରେ ଭାଗ ନେଇଥିଲେ। ସେମାନଙ୍କ ହାତ ତିଆରି ବାଣ ରାତ୍ରର ଅନ୍ଧାର ଆକାଶକୁ ଚିରି ରଙ୍ଗ ବେରଙ୍ଗ ଆଲୋକମାଳାର ଦୃଶ୍ୟମାନ ହେଉଥିଲା। ପ୍ରତିବର୍ଷ ଏହି ମେଳଣରେ ନୂତନ ଧରଣର ବାଣ ଦେଖିବାକୁ ମିଳୁଥିବାବେଳେ ବିଶେଷ କରି ଚକ୍ରି, ଉପରଚକ୍ରି, ଘଡ଼ି, ଗଛବାଣ, ଗଡ଼ମ୍ବା, ଧପଧପି, ତାଳଫୋଟକି, ରକେଟ, ଚେଙ୍ଗ, ଆକାଶଦୀପ ପ୍ରଭୃତି ବିଭିନ୍ନ ନାମରେ ନାମିତ ବାଣ ଏଠାରେ ପ୍ରଦର୍ଶିତ ହୋଇଥିଲା।


# ତିନି ଠାକୁରଙ୍କ ନିମନ୍ତେ ବିଜେ ମଣ୍ଡପ ନିର୍ମାଣ

**ଚାରିଛକ,୮।୩(ସମିସ):** ଚାରିଛକ ନିକଟସ୍ଥ ତୁଳସୀପୁର ପଞ୍ଚାୟତ ସଭାମଣ୍ଡପଠାରେ ତିନି ଠାକୁରଙ୍କ ବିଜେ ପାଇଁ ଏକ ନୂତନ ମଣ୍ଡପ ନିର୍ମାଣ ହୋଇଯାଇଛି। ସ୍ଥାନୀୟ ଅଞ୍ଚଳର ବିଶିଷ୍ଟ ସମାଜସେବୀ ସ୍ୱର୍ଗତ ଜାହାନ ସାହୁ ଓ ସ୍ୱର୍ଗତ ଶଶୀ ସାହୁଙ୍କ ସ୍ମୃତି ଉଦ୍ଦେଶ୍ୟରେ ତାଙ୍କର ସୁପୁତ୍ରମାନେ ଏହି ୫୦ ଫୁଟ୍ ଲମ୍ବ ଓ ୨୫ ଫୁଟ୍ ଓସାର ମଣ୍ଡପ ନିର୍ମାଣର ସମସ୍ତ ଖର୍ଚ୍ଚ ବହନ କରିଛନ୍ତି। ଏଠାରେ ଥିବା ପୁରୁଣା ମଣ୍ଡପଟି ଭାଙ୍ଗି ଯାଇଥିବାବେଳେ ତିନି ଠାକୁର ମହାପ୍ରଭୁ ଅମରେଶ୍ୱର, ରାଧାକାନ୍ତ ଓ ବନ୍ଦେଶ୍ୱର ଦୋଳ ବିମାନ ସବୁ ବସିବା ପାଇଁ ଅସୁବିଧାର ସମ୍ମୁଖିନ ହେଉଥିଲେ। ଏହା ଦେଖି ଜାହାନ ସାହୁଙ୍କ ସୁପୁତ୍ର ଲିଙ୍ଗରାଜ



ସାହୁ, ସିନ୍ଧୁ ସାହୁ, ରବୀନ ସାହୁ ଏବଂ ଶଶୀ ସାହୁଙ୍କ ସୁପୁତ୍ର ଇନ୍ଦ୍ରମଣୀ ସାହୁ, ପ୍ରାକ୍ତନ ପ୍ରାଧ୍ୟାପକ ଚନ୍ଦ୍ରମଣୀ ସାହୁ ମଣ୍ଡପ ନିର୍ମାଣର ସମସ୍ତ ଖର୍ଚ୍ଚ ବହନ କରିଥିଲେ। ସମସ୍ତ ନିର୍ମାଣ କାର୍ଯ୍ୟକୁ ଲକ୍ଷ୍ମୀଧର ବେହେରା ତଦାରଖ କରିଥିଲେ। ଏହି ମହାନତା ପାଇଁ ବାରଗାଦୀ ମେଳଣ କମିଟିର ସଭାପତି ସନ୍ତୋଷ ତ୍ରିପାଠୀ, ସଦସ୍ୟ ସୁବାସ ଚନ୍ଦ୍ର ସାହୁ, କୈଳାସ ଚନ୍ଦ୍ର କର, ବ୍ରଜବନ୍ଧୁ କର, ଭଜମନ ଶତପଥିଙ୍କ ସମେତ ସ୍ଥାନୀୟ ଅଞ୍ଚଳର ବହୁ ବୁଦ୍ଧିଜୀବୀ, ସମାଜସେବୀ ସେମାନଙ୍କର ବେଶ୍ ପ୍ରଶଂସା କରିଛନ୍ତି। ପ୍ରକାଶ ଥାଉକି, ଏଠାରେ ଦୋଳ ପୂର୍ଣ୍ଣିମା ଚତୁର୍ଦ୍ଦଶୀ ପାହାନ୍ତା ପ୍ରହରରେ ଚାରି ଠାକୁର ପ୍ରଭୁ ମାଧବାନନ୍ଦଜୀଉ, ପ୍ରଭୁ ଅମରେଶ୍ୱର, ପ୍ରଭୁ ରାଧାକାନ୍ତ ଓ ପ୍ରଭୁ ବନ୍ଦେଶ୍ୱରଙ୍କ ଏକ ଅପୂର୍ବ ମିଳନ ହୋଇଥାଏ। ଏହି ଐତିହାସିକ ମେଳଣ ଦେଖିବା ପାଇଁ ବିଭିନ୍ନ ଅଞ୍ଚଳର ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥାଏ। ଫଗୁ ଖେଳ, ଯାଦବଙ୍କ ଲଉଡ଼ି ଖେଳ ସାଙ୍ଗକୁ ଘଣ୍ଟ, ପଖୋଜ ଓ ଆତସବାଜିରେ ସାରା ଅଞ୍ଚଳ ପ୍ରକମ୍ପିତ ହୋଇଉଠେ।

# ଜମିଲା ଦେଠିଆପଡ଼ା ମେଳଣ



କଣାସ,୮।୩(ସମିସ): କଣାସ ବ୍ଲକ୍ ସିରେଇ ଗ୍ରାମପଞ୍ଚାୟତର ଦେଠିଆପଡ଼ା ଗ୍ରାମରେ ରବିବାର ପ୍ରଭାତରୁ ଆରାଧ୍ୟ ଠାକୁର ବାଲୁଙ୍କେଶ୍ୱର ଦେବଙ୍କ ମେଳଣ ଜମିଥିବା ଜଣାପଡ଼ିଛି। ଠାକୁର ବାଲୁଙ୍କେଶ୍ୱର ଦେବ, ବାବା ଗତିଶ୍ୱର ଦେବ, ରାଧାକୃଷ୍ଣ ପୃଥକ୍ ପୃଥକ୍ ୩ଟି ସୁସଜ୍ଜିତ ବିମାନରେ ବସି ଗ୍ରାମ ପରିକ୍ରମା କରିବା ସମୟରେ ଘଣ୍ଟ, ଘଣ୍ଟା ବାଦ୍ୟ ଧ୍ୱନୀ ସହିତ ଘୋଡ଼ା ନାଚ, ସଖି ନାଚ ମଧ୍ୟରେ ମେଳଣ ପଡ଼ିଆକୁ ଆସି ନିଜ ନିଜ ଆସ୍ଥାନରେ ବସିଥିଲେ। ଉକ୍ତ ଠାକୁରମାନେ ବସିବା ପରେ ଆଖପାଖ ଗ୍ରାମର ୧୫ଟି ଠାକୁର ସୁସଜ୍ଜିତ ବିମାନରେ ମେଳଣ ପଡ଼ିଆରେ ନିଜ ନିଜ ଆସ୍ଥାନରେ ବସିଥିଲେ। ରାତିରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି।

# ଆଜି ବଳଙ୍ଗା ପଞ୍ଚୁଦୋଳ ମେଳଣ

**ବଳଙ୍ଗା,୮।୩(ସମିସ):** ଚୈତ୍ର ମାସ କୃଷ୍ଣ ପକ୍ଷ ପଞ୍ଚମୀ ତିଥି ରବିବାର ବିଳମ୍ବିତ ରାତିରେ ବକ୍ରେଶ୍ୱର ଦେବଙ୍କ ଚଳନ୍ତି ପ୍ରତିମା ବାଙ୍କନାଥ, ଚନ୍ଦ୍ରଶେଖର, ଗୋପାଳଜୀଉ, ଘଣ୍ଟଘଣ୍ଟା, କାହାଳୀ, ଶଙ୍ଖ ଦେଖାଯାଏ ନାହିଁ। ପ୍ରାୟ ଦୁଇ ଶହ ବର୍ଷ ପୂର୍ବେ ନିମାପଡ଼ା ତତ୍କାଳୀନ ରାଜା ରଏଟସିଂଙ୍କର ମନସ୍କାମନା ପୂର୍ଣ୍ଣ ହେବାରେ ସେ ଏହା ପ୍ରଦାନ କରିଥିଲେ। ବକ୍ରେଶ୍ୱରଙ୍କ ଆସ୍ଥାନ ଉପରେ ଏକ ବିରାଟକାୟ ଅଶ୍ୱତ୍ଥ ବୃକ୍ଷ ଡାଳ ରହିଥାଏ। ବିମାନ ଆସ୍ଥାନକୁ ଯିବାବେଳେ ଗଛ ଡାଳ ଆପେ ଆପେ ଉପରକୁ ଉଠିଯିବ। ପରବର୍ତ୍ତୀ ସମୟରେ ପୁନର୍ବାର ଯଥା ସ୍ଥାନରେ ରହିବା ଦୃଶ୍ୟ ଏବେ ମଧ୍ୟ ଜନମାନସରେ ଧର୍ମୀୟ ଭାବନା ଜୀବିତ ରହିଛି। ଠାକୁରମାନେ ଆସ୍ଥାନ ଉପରେ ବସିବା ପରେ ପର୍ଯ୍ୟାୟ କ୍ରମେ ମାଟି କଳସରେ ଛେନା, ଗୁଡ଼, ନବାତ, କଦଳୀ ପ୍ରଭୃତି ପଣା, ପଇଡ଼, ଖଇକୋରା, ଶାକର, ଚଣା ପ୍ରଭୃତି ବାଳଭୋଗ ଓ ମାଟି ହାଣ୍ଡି, ବାଉଁଶରେ ତିଆରି ଚାଙ୍ଗୁଡ଼ାରେ ଖଇ, ଚୁଡ଼ାପୁଆ, ଉଖୁଡ଼ା,ହୁଡୁମ୍ବ, ଖଜା, ଅମାଲୁ, କ୍ଷୀରଗଜା ପ୍ରଭୃତି ବିଭିନ୍ନ ପ୍ରକାରର ମିଠା, କଦଳୀ, କମଳା, ଅଙ୍ଗୁର, ସେଓ ପ୍ରଭୃତି ୪୦ ପ୍ରକାର ଭୋଗ ଅର୍ପଣ କରାଯାଇଥାଏ। ଶାନ୍ତି ଶୃଙ୍ଖଳା ସହ ଯାତ୍ରା ସମାପନ ନିମନ୍ତେ କାହିଁ କେଉଁ ଆବହମାନ କାଳରୁ ହୋଇ ଆସୁଥିବା ଭାଗବତ ସପ୍ତାହ ଉଦ୍‌ଯାପିତ ହୋଇଥାଏ। ପ୍ରାୟ ୩୦ କି.ମି. ସୀମା ମଧ୍ୟରେ ଏହା ସବୁଠାରୁ ବଡ଼ ଯାତ୍ରା ହୋଇଥିବାରୁ ହଜାର ହଜାର ଲୋକଙ୍କ ସମାଗମ ହୋଇଥାଏ। ଚଳିତ ବର୍ଷ ସୋମବାର ଓ ମଙ୍ଗଳବାର ଦୁଇ ଦିନ ଧରି ମେଳଣ ହେବ। ପଞ୍ଚୁଦୋଳ ଯାତ୍ରା ପ୍ରାୟତଃ ଷୋଡ଼ଶ ଶତାବ୍ଦୀରୁ ଅନୁଷ୍ଠିତ ହୋଇ ଆସୁଥିବାବେଳେ ବିଭିନ୍ନ ଗ୍ରାମରୁ ଠାକୁରମାନେ ଆସିବାରେ ଭାଇଚାରାର ସମ୍ପର୍କ ବଜାୟରେ ସହାୟକ ହେଉଥିବା ମନ୍ଦିର ଗବେଷକ ତଥା ମେଳଣ ପରିଚାଳନା ପରିଷଦ ଉପଦେଷ୍ଟା ତଥା ଆଇନଜୀବୀ ସୁବାସ ଚନ୍ଦ୍ର ପତି ମତବ୍ୟକ୍ତ କରିଛନ୍ତି। ଆଇନ ଶୃଙ୍ଖଳା ନିମନ୍ତେ ସମସ୍ତ ପଦକ୍ଷେପ ଗ୍ରହଣ କରାଯାଇଥିବା ଥାନା ଅଧିକାରିଣୀ ସସ୍ମିତା ସାହୁ ପ୍ରକାଶ କରିଛନ୍ତି।



ଏ ବର୍ଷ ଦୁଇ ଦିନ ଧରି ମେଳଣ ହେବ

ବିଭିନ୍ନ ପାରମ୍ପରିକ ବାଦ୍ୟ ପୌରାଣିକ ଆଧାରିତ ବିଭିନ୍ନ ନୃତ୍ୟ, ଛତ୍ରି, ତ୍ରାସ, ଆଲୋକ ସାଜସଜ୍ଜା, ଥାଟପଟୁଆରରେ ସୁସଜ୍ଜିତ ଦୋଳ ବିମାନ ବାହାରିବ। ରାଜସ୍ୱ କାର୍ଯ୍ୟାଳୟଠାରେ ପନ୍ତିଭୋଗ ଅର୍ପଣ ପରେ ଭାର୍ଗବୀ ନଦୀ ତଟସ୍ଥ ୨୨ ଗୁଣ୍ଠରେ ପ୍ରବେଶ କରି ନିର୍ଦ୍ଧାରିତ ଆସନରେ ଉପବିଷ୍ଟ ହେବା ପରେ ନିମାପଡ଼ା, ପିପିଲି, ସତ୍ୟବାଦୀ, ଜୟଦେବ ନିର୍ବାଚନମଣ୍ଡଳୀର ବିଭିନ୍ନ ଗ୍ରାମରୁ ନିମନ୍ତ୍ରିତ ୧୦୮ ଦୋଳ ବିମାନରେ ହରିହରଙ୍କ ଚଳନ୍ତି ପ୍ରତିମା କ୍ରମାନ୍ୱୟରେ ନିର୍ଦ୍ଧାରିତ ଆସନରେ ବସିଥିଲେ। ବକ୍ରେଶ୍ୱର ଦେବଙ୍କ ରହିଛି ପଞ୍ଚମୁଣ୍ଡୀ ବିମାନ ଯାହାକି କୌଣସିଠାରେ


## ଜିଲ୍ଲାସ୍ତରୀୟ ବିଦ୍ୟୁତ୍ ଉପଭୋକ୍ତା ସମ୍ମିଳନୀ

# କୃଷି ପାଇଁ ମାଗଣା ଓ ଘରୋଇ ଉପଭୋକ୍ତାଙ୍କୁ ୩୦୦ ୟୁନିଟ୍ ବିଜୁଳି ଛାଡ଼ ଦାବି

**ଡେଲାଙ୍ଗ,୮।୩(ସମିସ):** ଡେଲାଙ୍ଗ ବ୍ଲକ୍ ରାମଚନ୍ଦ୍ରପୁରସ୍ଥିତ ବିଜୟ ମଣ୍ଡପ ପରିସରରେ ରବିବାର ବିଜୁଳି ଉପଭୋକ୍ତା ମହାସଂଘ ପକ୍ଷରୁ ପୁରୀ ଜିଲ୍ଲାସ୍ତରୀୟ ବିଦ୍ୟୁତ୍ ଉପଭୋକ୍ତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସିଆଇଏମ୍‌ଏଲ୍ ଜିଲ୍ଲା ସମ୍ପାଦକ ଅଶୋକ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମ୍ମିଳନୀରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ କୁମାର ଜେନା, ପୂର୍ବତନ ବିଧାୟକ ନାରାୟଣ ରେଡ୍ଡି, ସିଆଇଏମ୍‌ଏଲ୍ ରାଜ୍ୟ ସମ୍ପାଦକ ଯୁଧିଷ୍ଠିର ମହାପାତ୍ର, ସିପିଏମ୍ ରାଜ୍ୟ କମିଟି ସଭ୍ୟ ଜମ୍ମେଶ୍ୱର ସାମନ୍ତରାୟ, ଫରୱାର୍ଡ ବ୍ଲକ୍‌ର ପୂର୍ଣ୍ଣଚନ୍ଦ୍ର ପାଢ଼ୀ, ସମତା କ୍ରାନ୍ତିର ପ୍ରଭାସ ସାମନ୍ତରା, ଆର୍‌ଜେଡିର ହେମନ୍ତ କୁମାର, ସିଆଇଏମ୍‌ଏଲ୍ ସର୍ବେଶ୍ୱର ଭାରତୀ, ରାମଚନ୍ଦ୍ର ମହାରଣା, ସୁନନ୍ଦ ଗଡ଼ନାୟକ ପ୍ରମୁଖ ଯୋଗଦେଇଥିଲେ। ଦୈନନ୍ଦିନ ଜୀବନରେ ବିଜୁଳିର ବ୍ୟବହାର ଅତ୍ୟାବଶ୍ୟକ ହୋଇପଡ଼ିଛି। କୃଷିକ୍ଷେତ୍ର ଓ ଡାକ୍ତରଖାନାଠାରୁ ଆରମ୍ଭ କରି ନିତ୍ୟ ବ୍ୟବହାର୍ଯ୍ୟ ଯାନ୍ତ୍ରିକ ସରଞ୍ଜାମ ଓ କଳକାରଖାନାଗୁଡ଼ିକ ପର୍ଯ୍ୟନ୍ତ ସବୁଠାରେ ବିଜୁଳିର ଆବଶ୍ୟକତା ପଡ଼ିଥାଏ। ଅନ୍ୟପଟେ ଆମ ରାଜ୍ୟ ବିଦ୍ୟୁତ୍ ଉତ୍ପାଦନର ଏକ ବଳକା ରାଜ୍ୟ ଭାବେ ସାରା ଦେଶରେ ପରିଚୟ ସୃଷ୍ଟି କରିଛି। ଓଡ଼ିଶା ବର୍ଷକୁ ପ୍ରାୟ ୨୫ହଜାର ମେଗାୱାଟ ବିଜୁଳି ଉତ୍ପାଦନ କରୁଥିବାବେଳେ ନିଜସ୍ୱ ବ୍ୟବହାର ନିମନ୍ତେ ପ୍ରାୟ୧୫ ହଜାର ମେଗାୱାଟ୍ ବିଜୁଳି ଖର୍ଚ୍ଚ ହେଉଛି। ବାର୍ଷିକ ପ୍ରାୟ ୧୦ ହଜାର ମେଗାୱାଟ ବଳକା ବିଜୁଳି ଓଡ଼ିଶା ଅନ୍ୟ ରାଜ୍ୟମାନଙ୍କୁ ବିକ୍ରି କରୁଥିବାବେଳେ ଅନ୍ୟ ରାଜ୍ୟମାନଙ୍କ ତୁଳନାରେ ଓଡ଼ିଶାବାସୀ ୟୁନିଟ୍ ପିଛା ଅଧିକ ଶୁଳ୍କ ପଇଠ କରୁଥିବା ନେଇ ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଶ୍ରୀ ଜେନା ଗୁରୁତ୍ୱାରୋପ କରିଥିଲେ। ସେହିପରି ସ୍ମାର୍ଟ ମିଟର ବସାଇବା ଦ୍ୱାରା ସାଧାରଣ ଲୋକେ ଭୋଗିବାକୁ ଥିବା ସମସ୍ୟା ଓ ଏହାର ପ୍ରଚଳନ ଦ୍ୱାରା ସଂଖ୍ୟାଧିକ ମିଟର ରିଡର କର୍ମଚାରୀଙ୍କ ଚାକିରି ଚାଲିଯିବା ସମ୍ପର୍କରେ ସିଆଇଏମ୍‌ଏଲ୍ ନେତା ଶ୍ରୀ ପ୍ରଧାନ ମତବ୍ୟକ୍ତ କରିଥିଲେ। ଘରୋଇ ଉପଭୋକ୍ତାଙ୍କୁ ମାସିକ ୩୦୦ ୟୁନିଟ୍ ଓ କୃଷି କ୍ଷେତ୍ରକୁ ମାଗଣା ବିଜୁଳି ସହିତ ସ୍ମାର୍ଟ ମିଟର ପ୍ରଚଳନକୁ ପ୍ରତ୍ୟାହାର ଓ ଅସ୍ଥାୟୀ ବିଦ୍ୟୁତ୍ କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି ପ୍ରଦାନ କରିବାକୁ ବିଜୁଳି ଉପଭୋକ୍ତା ମହାସଂଘ ପକ୍ଷରୁ ଦାବି କରାଯାଇଛି। ଏହି ଦାବିଗୁଡ଼ିକ ପୂରଣ କ୍ଷେତ୍ରରେ ସରକାର ତୁରନ୍ତ ପଦକ୍ଷେପ ଗ୍ରହଣ ନ କଲେ ମହାସଂଘ ଆନ୍ଦୋଳନକୁ ଓହ୍ଲାଇବ ବୋଲି ସୂଚନା ଦିଆଯାଇଛି।



# କ୍ରୀଡ଼ା ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ଗୋପ,୮।୩(ସମିସ): ଗୋପ ଶିକ୍ଷା ବିଭାଗ ଅଧୀନ ମହଲପଡ଼ା ଗ୍ରାମପଞ୍ଚାୟତ ଓରେଇସ୍ଥିତ ଜାଗେଶ୍ୱରୀ ବିଦ୍ୟାପୀଠର ବରିଷ୍ଠ କ୍ରୀଡ଼ା ଶିକ୍ଷକ ଜୟନ୍ତ କୁମାର ରାୟଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଶିକ୍ଷାବିତ୍ ପ୍ରଧାନଶିକ୍ଷକ ରାମକୃଷ୍ଣ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଅବସରକାଳୀନ ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ପ୍ରଶାସନିକ ଅଧିକାରୀ ପ୍ରଭାତ କୁମାର ତରାଇ ଯୋଗଦେଇ ଗୋପ ବ୍ଲକ୍ ତଥା ପୁରୀ ଜିଲ୍ଲାରେ ଛାତ୍ରଛାତ୍ରୀମାନଙ୍କୁ କ୍ରୀଡ଼ା କ୍ଷେତ୍ରରେ ଅନୁପ୍ରାଣିତ ହେବାକୁ ଆହ୍ୱାନ ଦେବା ସହ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ଭୁବନେଶ୍ୱର ତହସିଲ୍‌ର ଅତିରିକ୍ତ ତହସିଲ୍‌ଦାର ଦିଲ୍ଲୀପ କୁମାର ବେହେରା, ପୁରୀ ଜିଲ୍ଲା ପୂର୍ଣ୍ଣ ଅନୁଦାନପ୍ରାପ୍ତ ମାଧ୍ୟମିକ ଶିକ୍ଷକ ସଂଘର ସମ୍ପାଦକ ବସନ୍ତ କୁମାର ନାୟକ, ମହଲପଡ଼ା ସରପଞ୍ଚ ଶୀର୍ଷ ରଞ୍ଜନ ନାୟକ, ସମିତିସଭ୍ୟ ବିଜୟ ନାୟକ, ପୁରୀ ଜିଲ୍ଲା 'ଓଷ୍ଟା'ର ସମ୍ପାଦକ ବିଭୂଦତ୍ତ ନାୟକ, ଗୋପ ବ୍ଲକ୍ 'ଓଷ୍ଟା'ର ସଭାପତି ମହେନ୍ଦ୍ର କୁମାର ପାଢ଼ୀ, ଗୋପ ମଣ୍ଡଳ କ୍ରୀଡ଼ା ସମ୍ପାଦକ ପ୍ରଫୁଲ୍ଲ କୁମାର ସାହୁ, ମହଲପଡ଼ା ବାଳିକା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ରାମଚନ୍ଦ୍ର ସିଂ ଓ ପାରକଣା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ମିତାଲି ମଧୁସ୍ମିତା ମିଶ୍ର ପ୍ରମୁଖ ଯୋଗଦେଇଥିଲେ।

## ଅନ୍ତର୍ଜାତୀୟ ମହିଳା ଦିବସ

# 'ନାରୀ ସଶକ୍ତୀକରଣ ଦ୍ୱାରା ସମାଜ ଆଗକୁ ବଢ଼ିବ'










ଚାରିଛକ,୮।୩(ସମିସ):

ପୁରୀ ଜିଲ୍ଲା ନିମାପଡ଼ା ବ୍ଲକ୍ ଅନ୍ତର୍ଗତ ଚାରିଛକସ୍ଥିତ ନିଗମାନନ୍ଦ ମହିଳା ମହାବିଦ୍ୟାଳୟର ଯୁବ ରେଡ୍‌କ୍ରସ ଆନୁକୂଲ୍ୟରେ ଚାରିଛକ ନିକଟସ୍ଥ ଗଡ଼ଇଟାପୋଖରୀସ୍ଥିତ ଆଶ୍ରମ ବାଳିକା ବିଦ୍ୟାଳୟ ପରିସରରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ସୂର୍ଯ୍ୟ ନାରାୟଣ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଡ. ଅଶୋକ କୁମାର ବିଶ୍ୱାଳ ଯୋଗଦେଇ ବିକଶିତ ଭାରତ ଏବଂ ସମୃଦ୍ଧ ଓଡ଼ିଶା ସଂକଳ୍ପର ମୂଳ ଆଧାର ହେଉଛି "ନାରୀ ଶକ୍ତି'। ନାରୀ ସଶକ୍ତୀକରଣ ଦ୍ୱାରା ସମାଜ ଆଗକୁ ବଢ଼ିବ ବୋଲି ଅଭିହିତ କରିଥିଲେ। ମହାବିଦ୍ୟାଳୟର ଯୁବ ରେଡ୍‌କ୍ରସ କାଉନ୍‌ସେଲର ତଥା ଶିକ୍ଷା ବିଭାଗ ମୁଖ୍ୟ ଡ. ଶ୍ରୀଲେଖା ନାୟକ ଦିବସ ପାଳନର ଆଭିମୁଖ୍ୟ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ରୂପେ ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରିଣୀ କାନନବାଳା ନନ୍ଦ, ଗୋପବନ୍ଧୁ ମେମୋରିଆଲ ଟ୍ରଷ୍ଟର ସଭାପତି ଅର୍ଜୁନ ପାତ୍ର ଯୋଗଦେଇଥିଲେ। ଅଧ୍ୟାପକ ଜୀବନ ଦାଶ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ସମାଜରେ ମହିଳାମାନଙ୍କର ଭୂମିକା ଉପରେ ଏକ ଚିତ୍ରାଙ୍କନ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଅଧ୍ୟାପକ ଜଗନ୍ନାଥ ପଣ୍ଡା, ଡେମୋନ୍‌ଷ୍ଟ୍ରେଟର ରୂପଶ୍ରୀ ବରାଳ, ଦିବାକର ବେହେରା, ଚିନ୍ମୟ ସ୍ୱାଇଁ ପ୍ରଭୃତି ଯୋଗଦେଇଥିଲେ। ଗ୍ରାମ୍ୟ କମିଟିର ସମ୍ପାଦକ ସୁବାସ ଚନ୍ଦ୍ର ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ପରିଶେଷରେ ବିଦ୍ୟାଳୟର ଛାତ୍ରୀମାନେ ପାରମ୍ପରିକ ସଂଗୀତ ଓ ନୃତ୍ୟ ପରିବେଷଣ କରିଥିଲେ।

**ନିମାପଡ଼ା:** ନିମାପଡ଼ାସ୍ଥିତ ଟାଉନ୍ ହଲ୍ ପରିସରରେ ବିଜୁ ଜନତା ଦଳ ପକ୍ଷରୁ ବିଶ୍ୱ ମହିଳା ଦିବସ ପାଳିତ ହୋଇଯାଇଛି। ପୁରୀ ଜିଲ୍ଲା ମହିଳା ସଭାନେତ୍ରୀ କସ୍ତୁରୀବାଳା ସ୍ୱାଇଁଙ୍କ ନେତୃତ୍ୱରେ ଆୟୋଜିତ ସମାବେଶରେ ନିମାପଡ଼ା ଦଳ ଦାୟିତ୍ୱରେ ଥିବା ନେତା ସୁବ୍ରତ ଛାଟୋଇ, ଜିଲ୍ଲା ପରିଷଦ ସଭ୍ୟା ସସ୍ମିତା ନାୟକ, ଜିଲ୍ଲା ପରିଷଦ ସଭ୍ୟ ରବୀନ୍ଦ୍ରନାଥ ମଲ୍ଲିକ, ବ୍ଲକ୍ ସଭାପତି ଭାଗ୍ୟଧର ଖଟୋଇ, ଏନ୍‌ଏସି ସଭାପତି ଧନୁର୍ଦ୍ଧର ଦାସ, ଗୋପ ବ୍ଲକ୍ ସଭାପତି ମହେଶ୍ୱର ସ୍ୱାଇଁ, ଗୋପ ବ୍ଲକ୍ ଅଧ୍ୟକ୍ଷ ଝୁନୁଲତା ମଲ୍ଲିକ, ପିପିଲି ଏନ୍‌ଏସି ଉପାଧ୍ୟକ୍ଷ ଭାଗ୍ୟବତୀ ମହାରଣା, ଜ୍ୟୋତ୍ସ୍ନାରାଣୀ ନାୟକ, ମିଲି ସିଂ, ସରିତା ମହାପାତ୍ର, ଭବାନୀ ସ୍ୱାଇଁ ପ୍ରମୁଖ ଯୋଗଦେଇ ବିଜୁ ବାବୁ କହିଥିଲେ ଗାଁକୁ କାମ ମାଆଙ୍କୁ ସମ୍ମାନ। ଆଜି ତାହା ବାସ୍ତବରେ ପରିଣତ ହୋଇଛି। ଆଜି ନାରୀମାନେ କୌଣସି ଗୁଣରେ କମ୍ ନୁହନ୍ତି। ଆସନ୍ତା ପଞ୍ଚାୟତ ନିର୍ବାଚନରେ ଏ ରଙ୍ଗ ବୋଲା ସରକାରକୁ ହଟାଇ ପୁନର୍ବାର ନବୀନ ବାବୁଙ୍କୁ ରାଜ୍ୟରେ କ୍ଷମତାକୁ ଆଣିବାକୁ ମାଆମାନେ ଶପଥ ନେଇଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଯୁବ ନେତା ବିଜୟ ପଟ୍ଟନାୟକ ପରିଚାଳନା କରିଥିଲେ।

ସେହିପରି ରାଜ୍ୟର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପତିତପାବନ ସେବା ସଂଘ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ସଂଘ ପରିସରରେ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଅନୁଷ୍ଠାନର ସମ୍ପାଦକ ଶିକ୍ଷାବିତ୍ ଜଗତ ପ୍ରସାଦ ସାବୁତ୍, ଅନ୍ୟତମ ବକ୍ତା ପଦ୍ମଜା ଶୁଭାମିତା ନନ୍ଦ ନାରୀକୁ ଭଗବାନଙ୍କ ଅନ୍ୟାନ୍ୟ ସୃଷ୍ଟି ବୋଲି ମତ ଦେବା ସହ ବିକାଶର ଏକମାତ୍ର ଉତ୍ସ ବୋଲି ମତପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ସଂଯୁକ୍ତା ମହାପାତ୍ର ସଭାପତିତ୍ୱ କରିଥିବାବେଳେ ବର୍ଷାରାଣୀ ଦାସ ମଞ୍ଚ ପରିଚାଳନା କରିଥିଲେ।

**ସାକ୍ଷୀଗୋପାଳ:** ପୁରୀ ଜିଲ୍ଲା ସତ୍ୟବାଦୀ ବ୍ଲକ୍ ଅନ୍ତର୍ଗତ ଅଳଗୁମସ୍ଥିତ ଭୋଇସାହି ଅଙ୍ଗନବାଡ଼ି କେନ୍ଦ୍ରରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ଅଙ୍ଗନବାଡ଼ି କେନ୍ଦ୍ରର ସହାୟିକା ମମତା ବରାଳଙ୍କ ତତ୍ତ୍ୱାବଧାନରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମହିଳାମାନଙ୍କୁ ରୋଜଗାରକ୍ଷମ କରାଇବା ଲକ୍ଷ୍ୟ ନେଇ ହସ୍ତକଳା ଶିବିରର ଆୟୋଜନ କରାଯାଇଥିଲା। ଯାହାକୁ ଅଞ୍ଚଳବାସୀ ବେଶ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମ ଜରିଆରେ ବିଭିନ୍ନ ତାଲିମ ନେଇ ମହିଳାମାନେ ସ୍ୱାବଲମ୍ବୀ ହୋଇପାରିବେ। ଫଳରେ ମହିଳା ସଶକ୍ତୀକରଣ ଲକ୍ଷ୍ୟ ପୂରଣ ହୋଇପାରିବ ବୋଲି ଏହି ଅବସରରେ ମତପ୍ରକାଶ ପାଇଥିଲା।

## ● ଘରୋଇ ଚାଷ ଜମିକୁ ଘରବାରୀ କରିବା ପାଇଁ ମସୁଧା

# ତହସିଲ୍ ଜମି ଜବରଦଖଲ କରି ରାସ୍ତା ନିର୍ମାଣ !




କୁଣ୍ଢେଇ,୮।୩(ସମିସ): ପୁରୀ ଜିଲ୍ଲା କାକଟପୁର ତହସିଲ୍‌ରେ ରାସ୍ତା ପାଇଁ ବିନା କାଗଜପତ୍ରରେ ତହସିଲ୍ ଜମି ବିକ୍ରି ହୋଇଥିବା ଅଭିଯୋଗ ହୋଇଛି। ଯଦି କେହି ଲୋକ ଚାଷ ଜମିକୁ କିସମ ପରିବର୍ତ୍ତନ କରି ଘରବାରୀ କରିବାକୁ ଆବେଦନ କରେ ତେବେ ଏହି ଜମିକୁ ଲାଗି ରାସ୍ତା ନ ଥିଲେ, ରାସ୍ତା ଓ ଜମିର ମଝିରେ କିଛି ସରକାରୀ ଜମି ଥିଲେ, ଘରୋଇ ରାସ୍ତା ଯାହାକି ସର୍ବସାଧାରଣଙ୍କ ରାସ୍ତା ବ୍ୟବହାର ଉପଯୋଗୀ ପାଖରେ ଜମି ଥିଲେ କିମ୍ବା ନିମାପଡ଼ା-ଅସ୍ତରଙ୍ଗ ମୁଖ୍ୟ ରାସ୍ତା ପାଖରେ ଜମି ଥିଲେ ମଝିରେ ନୟନଯୋରୀ (ଯାହା ବର୍ତ୍ତମାନ ବର୍ଦ୍ଧିତ ରାସ୍ତା ହୋଇ ସାରିଛି) ବେଳେ କାକଟପୁର ତହସିଲ୍‌ଦାର ଏହି ଚାଷ ଜମିର କିସମ ପରିବର୍ତ୍ତନ ନ କରି କେସ୍‌ଗୁଡ଼ିକୁ ଖାରଜ କରିଦେଉଛନ୍ତି। ହେଲେ କାକଟପୁର ତହସିଲ୍ ଅଫିସଟି ମୌଜା ମୂଳାଗଡ଼ ଖା୫୧୭ତା ପ୍ଲଟ୍ ନଂ୪୪୯ରେ ଏ୭.୨୫ ଡେସିମିଲିରେ ଅବସ୍ଥିତ। ଏହି ଜମିକୁ ଲାଗି ପଶ୍ଚିମ-ଉତ୍ତର କୋଣରେ କିଛି ଲୋକଙ୍କ ଚାଷ ଜମି ଅଛି। ଯାହାକି ନିମାପଡ଼ା-ଅସ୍ତରଙ୍ଗ ମୁଖ୍ୟ ରାସ୍ତାଠାରୁ ମାତ୍ର ୫୦/୬୦ ଫୁଟ୍ ଦୂରରେ ଅବସ୍ଥିତ। ସେହି ଜମିର ମାଲିକ ସେହି ଜମିର କିସମ ପରିବର୍ତ୍ତନ କରି ଘରବାରୀ ପ୍ଲଟିଂ କରି ବିକ୍ରି କରିବାକୁ ମସୁଧା କରୁଛନ୍ତି। ତେଣୁ ତହସିଲ୍ ଜମିକୁ ଜୋର୍‌ଜବରଦସ୍ତ ଦଖଲ କରି ଗତ ୩ ଓ ୪ ତାରିଖରେ ଦୋଳ ପୂର୍ଣ୍ଣିମା, ହୋଲି ଛୁଟିରେ ପ୍ରାୟ ୧୫୦ ଫୁଟ୍‌ରୁ ଊର୍ଦ୍ଧ୍ୱ ଲମ୍ବ, ୧୦ ଫୁଟ୍ ଓସାରିଆ ସ୍ଥାନରେ ୩ ଫୁଟ୍ ଉଚ୍ଚର ଏକ ମାଟି ରାସ୍ତା ନିର୍ମାଣ କରିଛନ୍ତି। ତହସିଲ୍‌ଦାରଙ୍କ ଅଜ୍ଞାତରେ ତହସିଲ୍ କ୍ୱାର୍ଟର ପାଖରେ ଏମିତି କେହି ସାହସ କରି ରାସ୍ତା କରି ପାରିବ କୌଣସି ସାଧାରଣ ଲୋକ ବିଶ୍ୱାସ କରିପାରୁ ନାହାନ୍ତି। ଶୁଣିବାକୁ ମିଳୁଛି ୩/୪ ଜଣ ଦଲାଲଙ୍କ ସହାୟତାରେ ତହସିଲ୍ ଅଧିକାରୀ ଓ କିଛି ଅସାଧୁ କର୍ମଚାରୀ ଲକ୍ଷାଧିକ ଟଙ୍କାର କାରବାର କରି ଜମି ମାଲିକଙ୍କୁ ରାସ୍ତା କରିବାକୁ ଅଲିଖିତ ଅନୁମତି ପ୍ରଦାନ କରିଛନ୍ତି। କାକଟପୁରରେ ଏମିତି ଅଧିକାରୀ ଓ କର୍ମଚାରୀ ରହିଲେ ଦିନେ ନା ଦିନେ ତହସିଲ୍ ଅଫିସ ବିକ୍ରି ହୋଇଯିବାର ସମ୍ଭାବନା ଅଛି ବୋଲି ସାଧାରଣରେ ଆଲୋଚନା ହେଉଛି।

# ଶ୍ରୀକ୍ଷେତ୍ର ସିଟି

୮/୩/୨୦୨୬ (ରବିବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୭,୦୪,୪୦୯/- ସୁନା:୦୦.୫୦୦ ଗ୍ରାମ୍ ରୁପା: ୫୧.୫୦୦ ଗ୍ରାମ୍





### ମହିଳା ବିଜେଡି ପକ୍ଷରୁ ମହିଳା ଦିବସ ପାଳିତ

# ମହିଳାଙ୍କୁ ସୁରକ୍ଷା, ସମ୍ମାନ ଆମ ସମସ୍ତଙ୍କ ଦାୟିତ୍ୱ: ଶୁଭାଶିଷ୍

ପୁରୀ,୮।୩(ସମିସ)



ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ରବିବାର ମହିଳା ବିଜେଡି ପକ୍ଷରୁ ପୁରୀ ରୋଟାରୀ କ୍ଲବ୍ ସଭାଗୃହରେ ସଭା ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟସଭା ସାଂସଦ ଶୁଭାଶିଷ୍ ଖୁଣ୍ଟିଆ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ ଯେ କେବଳ ଅନ୍ତର୍ଜାତୀୟ ମହିଳା ଦିବସ ନୁହେଁ ମହିଳାମାନଙ୍କୁ ପ୍ରତ୍ୟେକ ଦିନ ସମ୍ମାନ ଦିଆଯିବା ଦରକାର। ସେମାନେ ଜାୟା, ଜନନୀ, ଭଗିନୀ ସବୁ ଭୂମିକାରେ ପୁରୁଷ ସମାଜ ପ୍ରତି ଗୁରୁଦାୟିତ୍ୱ ତୁଲାଇ ଆସୁଛନ୍ତି। ପ୍ରତ୍ୟେକ ସଫଳ ପୁରୁଷ ପଛରେ ଜଣେ ମହିଳାଙ୍କ ହାତ ଥିବା ଯାହା କୁହାଯାଏ, ଏହା ଅପ୍ରାସଙ୍ଗିକ ନୁହେଁ। କିନ୍ତୁ ଆଜି ଆମ ରାଜ୍ୟରେ ମହିଳାମାନେ ନିର୍ଯାତିତ ଓ ନିଷ୍ପେସିତ। ମହିଳାମାନଙ୍କ ଉପରେ ଅତ୍ୟାଚାର, ଦୁଷ୍କର୍ମ ବଢୁଥିବାବେଳେ ଅନେକ ସମୟରେ ଏମାନେ ହତ୍ୟାର ଶିକାର ହେଉଛନ୍ତି। ତେଣୁ ମହିଳାଙ୍କ ସୁରକ୍ଷା ଏବଂ ସେମାନଙ୍କୁ ସମ୍ମାନ ଦେବା ପାଇଁ ଆମେ ସମସ୍ତେ ଯତ୍ନବାନ ହେବା ଦରକାର। ମହିଳାଙ୍କ ଗୁରୁତ୍ୱକୁ ଉପଲବ୍ଧି କରି ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ସେପର୍ଯ୍ୟନ୍ତ ପଞ୍ଚାୟତିରାଜ ବ୍ୟବସ୍ଥାରେ ମହିଳାଙ୍କ ପାଇଁ ୩୩ ପ୍ରତିଶତ ସ୍ଥାନ ସଂରକ୍ଷଣ କରିବାକୁ ଐତିହାସିକ ନିଷ୍ପତ୍ତି ନେଇଥିଲେ। ନବୀନ ପଟ୍ଟନାୟକଙ୍କ ସରକାର ମଧ ମା'କୁ ସମ୍ମାନ ଗାଁକୁ କାମ ଉପରେ ବିଶ୍ୱାସ କରୁଥିଲା ବୋଲି କହିଥିଲେ ସାଂସଦ ଶ୍ରୀ ଖୁଣ୍ଟିଆ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ କୃଷ୍ଣଚନ୍ଦ୍ର ପଣ୍ଡା, ଗୌରହରି ପ୍ରଧାନ, ରବି ଶଙ୍କର ପ୍ରତିହାରୀ ଯୋଗଦେଇଥିଲେ। ସଭାରେ ସନ୍ଧ୍ୟାରାଣୀ ଭଟ୍ଟ, ବିନୋଦିନୀ ଦାସ, ଅରୁଣିମା ନନ୍ଦ, ରୋଜାଲିନ୍ ନାୟକ, ପ୍ରିୟଙ୍କା ମହାନ୍ତି, ଲିପ୍ସା ମିଶ୍ର, ଯୋଗମାୟା ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ସୋନି ଟିଭି ଫୁଡ୍ ରିଏଲିଟି ଶୋ'ର ରନର୍ସ ଅପ୍ ଅଞ୍ଜୁ ପ୍ରଧାନଙ୍କୁ ସମ୍ମାନିତ କରାଯାଇଥିଲା।

## ଓଡ଼ିଶାରେ ମହିଳା ଅସୁରକ୍ଷିତ



ପୁରୀ,୮।୩(ସମିସ): ସାମାଜିକ ଅନୁଷ୍ଠାନ ଦି ମିରର୍ ଓ ହେଲ୍ପ ଏଜ୍ ଇଣ୍ଡିଆ ମିଳିତ ଆନୁକୂଲ୍ୟରେ ରବିବାର ତଳଜଙ୍ଗ ପଞ୍ଚାୟତ ନଇକୂଳ ଗ୍ରାମ ମା'ମଙ୍ଗଳା ମନ୍ଦିର ପରିସରରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଲାୟନ୍ ସଞ୍ଜୟ କୁମାର ପ୍ରଧାନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ଦି ବେଲ୍ ଅଧ୍ୟକ୍ଷ ସିଦ୍ଧାର୍ଥ ରାୟ ଅତିଥି ଭାବେ ଯୋଗଦେଇ ଆଜି ଭାରତ ହେଉ କି ଓଡ଼ିଶାରେ ମହିଳାମାନେ ସୁରକ୍ଷିତ ନୁହନ୍ତି। ପ୍ରତ୍ୟେକ ଦିନ ନାରୀ ନିର୍ଯାତନା, ଦୁଷ୍କର୍ମ ବଢ଼ିଚାଲିଛି। ସରକାର ମହିଳାଙ୍କୁ ସୁରକ୍ଷା ଦିଗରେ ପଦକ୍ଷେପ ନେବା ଦରକାର ବୋଲି କହିଥିଲେ। ହେଲ୍ପ ଏଜ୍ ଇଣ୍ଡିଆର ପୁରୀ ଜିଲ୍ଲା ପ୍ରୋଗ୍ରାମ ଅଫିସର ଶୈଳେନ୍ଦ୍ର ନାଗ, ରିକି ବାରିକ ଗ୍ରାମ୍ୟ ସଭାପତି ଅତିଥି ଭାବେ ଯୋଗଦେଇଥିଲେ। ଏଥିରେ ୪୦୦ରୁ ଊର୍ଦ୍ଧ୍ୱ ମହିଳା ଓ କିଶୋରୀ ବାଳିକାଙ୍କୁ ସ୍ୱାସ୍ଥ୍ୟ ପରୀକ୍ଷା ସହ ମାଗଣାରେ ଔଷଧ ବଣ୍ଟନ କରାଯାଇଥିଲା। ଶେଷରେ ମହିଳାଙ୍କ ମଧ୍ୟରେ ହୁଳହୁଳି, ଶଙ୍ଖଫୁଙ୍କା, ମ୍ୟୁଜିକ୍ ଚେୟାର ଓ କାନ୍ଦଣା ପ୍ରତିଯୋଗିତା କରାଯାଇଥିଲା। ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇଥିବା ମହିଳାଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଯୁବ ସମାଜସେବୀ ଶିବ ପ୍ରସାଦ ଜେନା ପରିଚାଳନା କରିଥିବାବେଳେ ଗ୍ରାମର ଆଶା ସୁକାନ୍ତ ଜେନା, ସିଲି ପ୍ରଧାନ, ବିଜୟଲକ୍ଷ୍ମୀ ସ୍ୱାଇଁ, ସୁଲୋଚନା ଜେନା, ସଂଯୁକ୍ତା ଭୋଇ, ସସ୍ମିତା ଜେନା, କୈବଲ୍ୟ ଜେନା ଓ ଗୋବର୍ଦ୍ଧନ ଜେନା ସହଯୋଗ କରିଥିଲେ।

## ମହିଳା ଦିବସରେ ଶକ୍ତି ପଦଯାତ୍ରା

ପୁରୀ,୮।୩(ସମିସ): ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ କ୍ରୀଡ଼ା ବିଭାଗ ପକ୍ଷରୁ ପୁରୀ ଜିଲ୍ଲା ପ୍ରଶାସନ କ୍ରୀଡ଼ା କାର୍ଯ୍ୟାଳୟ ସହଯୋଗରେ ଶକ୍ତି ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ତିନିଦିନିଆ ଏହି କାର୍ଯ୍ୟକ୍ରମର ରବିବାର ଶେଷ ଦିବସରେ ମହିଳାମାନଙ୍କୁ ନେଇ ଶକ୍ତି ପଦଯାତ୍ରା ଶ୍ରୀଜଗନ୍ନାଥ ଷ୍ଟାଡିୟମ୍‌ଠାରୁ ଅନୁଷ୍ଠିତ ହୋଇଥିଲା। ଏହି ପଦଯାତ୍ରା ଶ୍ରୀଜଗନ୍ନାଥ ଷ୍ଟାଡିୟମ୍, ପେଣ୍ଠକଟା, ସଂସ୍କୃତ ବିଶ୍ୱବିଦ୍ୟାଳୟ ଦେଇ ପୁନଃ ଶ୍ରୀଜଗନ୍ନାଥ ଷ୍ଟାଡିୟମ୍‌ଠାରେ ପହଞ୍ଚିଥିଲା। ଏହି ପଦଯାତ୍ରାକୁ ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ, ଜିଲ୍ଲା ଏନ୍‌ଏସ୍‌ଏସ୍ ଅଫିସର ଗୋଲକ ବିହାରୀ ପଲାଇ, ପ୍ରାକ୍ତନ କ୍ରୀଡ଼ା ପ୍ରଶିକ୍ଷକ ଗୋପାଳ ଚନ୍ଦ୍ର ପରିଡ଼ା ପ୍ରମୁଖ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ମହିଳାମାନଙ୍କୁ ମହିଳା ଦିବସରେ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହ ପ୍ରତିଟି ମହିଳା ଶକ୍ତିର ପ୍ରତୀକ। ତେଣୁ ନିଜକୁ ଦୁର୍ବଳ ନ ଭାବି ନିଜ ଦକ୍ଷତା ଓ କୌଶଳକୁ ପ୍ରତିପାଦିତ କରିବାକୁ ଉପନିର୍ଦ୍ଦେଶକ ଶ୍ରୀ ସେଠୀ ଆହ୍ୱାନ ଦେଇଥିଲେ। ପ୍ରାକ୍ତନ କ୍ରୀଡ଼ା ପ୍ରଶିକ୍ଷକ ଶ୍ରୀ ପରିଡ଼ା ଅଧ୍ୟବସାୟ, କଠୋର ପରିଶ୍ରମ, ସାହସ ଓ ସଂକଳ୍ପବଦ୍ଧ ଭାବେ ନିଜ ସ୍ୱପ୍ନ ହାସଲ ପାଇଁ ପ୍ରଚେଷ୍ଟା କରିବାକୁ ପରାମର୍ଶ ଦେଇଥିଲେ।




## ୱାନ୍ ଷ୍ଟପ୍ ସେଣ୍ଟର ଓ ସୁଭଦ୍ରା ଶକ୍ତି କେନ୍ଦ୍ର ଉଦ୍‌ଘାଟିତ

ପୁରୀ,୮।୩(ସମିସ): ଏସ୍‌ସିଏସ୍ କଲେଜ ନିକଟରେ ସୋମବାର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ବ୍ଲକ୍ ସୁଭଦ୍ରା ଶକ୍ତି କେନ୍ଦ୍ର ଓ ସଖି ୱାନ୍ ଷ୍ଟପ୍ ସେଣ୍ଟରର ଉଦ୍‌ଘାଟନ କରିଛନ୍ତି। ମହିଳାମାନଙ୍କୁ ଆତ୍ମନିର୍ଭର କରିବା ଲକ୍ଷ୍ୟରେ ସେମାନଙ୍କୁ ପ୍ରଶିକ୍ଷଣ ଦେବା, ପାରସ୍ପରିକ ସହଯୋଗ ବଢ଼ାଇବା, ଆଲୋଚନା ବୈଠକ କରାଇବା, ସମ୍ମାନର ସହ ନିଜ କାର୍ଯ୍ୟକୁ ପରିଚାଳନା କରିବାରେ ବ୍ଲକ୍ ସୁଭଦ୍ରା ଶକ୍ତି କେନ୍ଦ୍ର ସହାୟକ ହେବ ବୋଲି ଉପମୁଖ୍ୟମନ୍ତ୍ରୀ ସୂଚନା ଦେଇଥିଲେ। ସେହିପରି ଉପ ମୁଖ୍ୟମନ୍ତ୍ରୀ ସଖି ୱାନ୍ ଷ୍ଟପ୍ ସେଣ୍ଟରକୁ ଏସ୍‌ସିଏସ୍ କଲେଜଠାରେ ଉଦ୍‌ଘାଟନ କରିଥିଲେ। ବ୍ୟକ୍ତିଗତ ଏବଂ ସାର୍ବଜନିନ ସ୍ଥାନରେ, ପରିବାର, ସମ୍ପ୍ରଦାୟ ଏବଂ କର୍ମକ୍ଷେତ୍ରରେ ହିଂସା ଦ୍ୱାରା ପ୍ରଭାବିତ ମହିଳାମାନଙ୍କୁ ସମର୍ଥନ କରିବା ପାଇଁ ଏହା ଉଦ୍ଦିଷ୍ଟ। ବୟସ, ବର୍ଗ, ଜାତି, ଶିକ୍ଷା ସ୍ଥିତି, ବୈବାହିକ ସ୍ଥିତି, ଜାତି ଏବଂ ସଂସ୍କୃତି ନିର୍ବିଶେଷରେ ଶାରୀରିକ, ଯୌନ, ଭାବପ୍ରବଣ, ମାନସିକ ଏବଂ ଆର୍ଥିକ ନିର୍ଯାତନାର ସମ୍ମୁଖୀନ ହେଉଥିବା ମହିଳାମାନଙ୍କୁ ସମର୍ଥନ ଏବଂ ପ୍ରତିକାର ପ୍ରଦାନର ବ୍ୟବସ୍ଥା ଏଠାରେ କରାଯାଇଥାଏ। ପୁରୀ ଜିଲ୍ଲାରେ ଏହା ୨୦୨୦ ମସିହାରୁ ନୀଳାଚଳ ସେବା ପ୍ରତିଷ୍ଠାନ ଦ୍ୱାରା ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ପରିସରରେ କାର୍ଯ୍ୟ କରୁଥିଲା। ତେବେ ସରକାରଙ୍କ ପକ୍ଷରୁ ୬୦ ଲକ୍ଷ ଟଙ୍କା ଅନୁଦାନ ମିଳିବା ପରେ ଏହା ଏସ୍‌ସିଏସ୍ କଲେଜଠାରେ ନିଜସ୍ୱ ବିଲ୍ଡିଂ ଭାବେ ରବିବାର ଉଦ୍‌ଘାଟିତ ହୋଇଛି। ଚଳିତବର୍ଷ ଫେବୃଆରୀ ୭ ତାରିଖ ସୁଦ୍ଧା ୧,୨୪୯ଟି ମାମଲା ସଖିରେ ପଞ୍ଜୀକରଣ ହୋଇଛି। ଏହା ୨୪ ଘଣ୍ଟିଆ ସେବା ଦେଉଛି ଓ ହେଲ୍ପ ଲାଇନ୍ ନମ୍ବର ୧୮୧ ସହ ଯୋଡ଼ି ହୋଇଛି ବୋଲି ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ତନୁପ୍ରଭା ବେଉରା ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ପୁରୀ ବିଧାୟକ ସୁନୀଲ କୁମାର ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ, ପୌରନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ପ୍ରମୁଖ ଯୋଗଦେଇଥିଲେ।



### ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀଙ୍କ ପୁରୀ ଗସ୍ତକୁ ବିରୋଧ

## କଂଗ୍ରେସ କର୍ମୀଙ୍କୁ ଉଠାଇନେଲା ପୁଲିସ



ପୁରୀ,୮।୩(ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ପୁରୀ ଗସ୍ତକୁ ଜିଲ୍ଲା କଂଗ୍ରେସ ପକ୍ଷରୁ ବିରୋଧ କରାଯାଇଥିଲା। ବିଭିନ୍ନ ସମସ୍ୟାକୁ ନେଇ ଏହି ବିରୋଧ ପ୍ରଦର୍ଶନ ବେଳେ ଏବଂ ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ ବିଭିନ୍ନ ସ୍ଥାନରୁ ଏପରିକି ଘରୁ କଂଗ୍ରେସ କର୍ମୀଙ୍କୁ ଉଠାଇ ନେଇଥିଲା। ମହିଳାଙ୍କ ବିରୋଧରେ ହିଂସା ତଥା ରାଜ୍ୟ ବାହାରକୁ ଶିଶୁ ଓ ମହିଳାଙ୍କ ଚାଲାଣ ରୋକିବାରେ ସରକାର ବିଫଳ ହୋଇଥିବା ସ୍ଥଳେ ସୁଭଦ୍ରା ଯୋଜନା ଟଙ୍କା ବଣ୍ଟା ପାଇଁ ସରକାରୀ ତହବିଲ୍‌ରୁ କୋଟି କୋଟି ଟଙ୍କା ରାଜସ୍ୱ ଖର୍ଚ୍ଚ କରି ଦଳୀୟ ପ୍ରଚାର କରିବାକୁ କଂଗ୍ରେସ ଏଭଳି ବିରୋଧ କରିଥିଲା। ବିଭିନ୍ନ ସ୍ଥାନରେ ଏପରିକି ସର୍କିଟ ହାଉସ୍‌ରେ ପଶି ମୁଖ୍ୟମନ୍ତ୍ରୀଙ୍କୁ କଳାପତାକା ଦେଖାଇବାକୁ ଉଦ୍ୟମବେଳେ ପୁଲିସ ଯୁବ କଂଗ୍ରେସ ଓ ଛାତ୍ର କଂଗ୍ରେସ କର୍ମକର୍ତ୍ତାଙ୍କୁ ଉଠାଇ ନେଇଥିଲା। ରଜତ କୁମାର ସାହୁ, ସ୍ୱାଧୀନ କୁମାର ପଣ୍ଡା, ଅମରେନ୍ଦ୍ର ପାଇକରାୟ, ମନୋଜ ବେହେରା, ରାମୋଜି ସାହାଣୀ, ସୂର୍ଯ୍ୟନାରାୟଣ ପଣ୍ଡା, ଆଶୁତୋଷ ମିଶ୍ର, ଆର୍ତ୍ତତ୍ରାଣ ସାହୁ ପ୍ରମୁଖ କଂଗ୍ରେସ କର୍ମୀଙ୍କୁ ବିଭିନ୍ନ ଥାନାରେ ଅଟକ ରଖାଯାଇଥିଲା। ମୁଖ୍ୟମନ୍ତ୍ରୀ ଅପରାହ୍ଣ ୩ଟାରେ ପୁରୀରୁ ଫେରିବା ପରେ ମଧ କଂଗ୍ରେସ କର୍ମୀଙ୍କୁ ଛଡ଼ାଯାଇ ନ ଥିଲା। ଜିଲ୍ଲା କଂଗ୍ରେସ ସଭାପତି ଇଂ. ରାଜେଶ କୁମାର ମିଶ୍ରଙ୍କ ହସ୍ତକ୍ଷେପ ପରେ ସମସ୍ତ କର୍ମୀଙ୍କୁ ଅପରାହ୍ଣ ୫ଟାରେ ଛଡ଼ାଯାଇଥିଲା।

## ବ୍ଲୁ ଫ୍ଲାଗ୍ ବିଚ୍‌ରେ ଅଲିଭ୍ ରିଡ୍‌ଲେଙ୍କ ପ୍ରଥମ ଅଣ୍ଡାଦାନ

ପୁରୀ,୮।୩(ସମିସ): ପୁରୀ ବ୍ଲୁ ଫ୍ଲାଗ୍ ବିଚ୍‌ରେ ପ୍ରଥମଥର ଅଲିଭ୍ ରିଡ୍‌ଲେ କଇଁଛ ଅଣ୍ଡାଦାନ କରିଛନ୍ତି। ଶନିବାର ରାତିରେ ଗୋଟିଏ କଇଁଛ ବ୍ଲୁ ଫ୍ଲାଗ୍ ବିଚ୍ ନିକଟକୁ ଆସି ସୁରକ୍ଷିତ ଭାବେ ଅଣ୍ଡାଦାନ କରିଥିଲା। ବିଚ୍‌ର କର୍ମଚାରୀ ଏହା ଜାଣିବା ପରେ ଅଣ୍ଡାଗୁଡ଼ିକୁ ଜଗି ରହିବା ସହ ବନ ବିଭାଗକୁ ଖବର ଦେଇଥିଲେ। ରବିବାର ବନ କର୍ମଚାରୀ ପହଞ୍ଚି ୧୧୪ଟି ଅଣ୍ଡା ବାଲିରୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲେ। ପରେ ଏହି ଅଣ୍ଡାଗୁଡ଼ିକୁ ହାଚେରୀରେ ପୋତି ଦିଆଯାଇଛି। ହାଚେରୀରେ ଅଣ୍ଡାରୁ ଛୁଆ ଫୁଟିବା ପରେ ସେମାନଙ୍କୁ ସମୁଦ୍ରରେ ଛଡ଼ାଯିବ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି।



### ଆଜି ଶ୍ରୀମନ୍ଦିରରେ ଖସାପଡ଼ା ଲାଗି ନୀତି

## ୪ ଘଣ୍ଟା ବନ୍ଦ ରହିବ ସର୍ବସାଧାରଣ ଦର୍ଶନ

ପୁରୀ,୮।୩(ସମିସ): ଚୈତ୍ର କୃଷ୍ଣ ଷଷ୍ଠୀ ତିଥିରେ ସୋମବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଖସାପଡ଼ା ଲାଗି ନୀତି ଅନୁଷ୍ଠିତ ହେବ। ଦ୍ୱିତୀୟ ଭୋଗମଣ୍ଡପ ଭୋଗ ଶେଷ ହେବା ପରେ ଏହି ନୀତି କରାଯିବ। ଏଥିପାଇଁ ଆପାତତଃ ସନ୍ଧ୍ୟା ୬ଟାରୁ ରାତି ୧୦ଟା ଅର୍ଥାତ୍ ୪ ଘଣ୍ଟା ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଖସାପଡ଼ା ଲାଗି ହେଉଛି ଏକ ଗୁପ୍ତ ନୀତି। ଏହି ନୀତି ପାଇଁ ପୂର୍ବଦିନରୁ ଦେଉଳକରଣ ଧଳାକନା ଧୋଇ ଶୁଖାଇ ଗାରଦରେ ଜମା ଦେଇଥା'ନ୍ତି। ସେହିପରି ଶୁଦ୍ଧସୁଆର ଖଳି, କଇଁଥ ଅଠା ଯୋଗାଇଥା'ନ୍ତି। ଦ୍ୱିତୀୟ ଭୋଗମଣ୍ଡପ ପରେ ଜୟ ବିଜୟ ଦ୍ୱାର ବନ୍ଦ କରାଯାଏ। ବେହେରଣ ଦ୍ୱାର ଦେଇ ଦଇତାପତିମାନେ ଗର୍ଭଗୃହକୁ ଯାଇ ରତ୍ନସିଂହାସନ ଉପରେ ମହାପ୍ରଭୁଙ୍କର ଏହି ଗୁପ୍ତ ନୀତି ସମ୍ପନ୍ନ କରିଥା'ନ୍ତି।

### ଧୁକୁଡ଼ି ଦ୍ୱାର ନିକଟରେ ରକ୍ତ

## ମହାପ୍ରଭୁଙ୍କର ହେଲା ବଡ଼ ମହାସ୍ନାନ

ପୁରୀ,୮।୩(ସମିସ): ଶ୍ରୀମନ୍ଦିରରେ ମହାପ୍ରଭୁଙ୍କର ହୋଇଛି ବଡ଼ ମହାସ୍ନାନ। ଧୁକୁଡ଼ି ଦ୍ୱାର ନିକଟରେ ରକ୍ତ ପଡ଼ିଥିବାରୁ ବଡ଼ ମହାସ୍ନାନ କରାଯାଇଛି। ଏହି ସ୍ୱତନ୍ତ୍ର ମହାସ୍ନାନ ପୂଜା ପାଇଁ ନୀତିକାନ୍ତିରେ ପ୍ରାୟ ଦେଢ଼ଘଣ୍ଟା ବିଳମ୍ବ ହୋଇଛି।

ରବିବାର ଭୋର୍ ୫ଟା ୫୫ରେ ଦ୍ୱାର ଫିଟିଥିଲା। ୬ଟା ୪୫ରେ ମଙ୍ଗଳ ଆଳତି ବଢ଼ି ଅନ୍ୟାନ୍ୟ ନୀତିକାନ୍ତି ଚାଲିଥିଲା। ଅପରାହ୍ଣ ୩ଟା ୪୫ରେ ମଧ୍ୟାହ୍ନ ଧୂପ ସରିବା ପରେ ୪ଟାରେ ଦ୍ୱିତୀୟ ଭୋଗମଣ୍ଡପ ଉଠିଥିଲା। ମଧ୍ୟାହ୍ନ ଧୂପ ଶେଷ ହେବା ପରେ ଭକ୍ତମାନେ ଭିତରକାଠକୁ ଯାଇ ଦର୍ଶନ କରୁଥିଲେ। ଏହି ସମୟରେ ଧୁକୁଡ଼ି ଦ୍ୱାର ନିକଟରେ ରକ୍ତ ପଡ଼ିଥିବା ଦେଖିବାକୁ ମିଳିଥିଲା। ଏହାପରେ ସେହିଠାରେ ନୀତି ଅଟକାଯାଇ ବଡ଼ ମହାସ୍ନାନ ପାଇଁ ଆରମ୍ଭ ହୋଇଥିଲା ପ୍ରକ୍ରିୟା। ରତ୍ନସିଂହାସନଠାରୁ ଜୟ ବିଜୟ ଦ୍ୱାର ପର୍ଯ୍ୟନ୍ତ ଧୂଆ ହୋଇ ଚୁନପାଣି ପଡ଼ିଥିଲା। ସନ୍ଧ୍ୟା ୬ଟା ୫ରେ ପୂଜାପଣ୍ଡା ସେବକମାନେ ମହାସ୍ନାନ ପୂଜା କରିଥିଲେ। ୬ଟା ୧୦ରେ ମହାସ୍ନାନ ପୂଜା ବଢ଼ିବା ପରେ ଯେଉଁଠାରେ ନୀତି ଅଟକାଯାଇଥିଲା ପୁନଶ୍ଚ ସେହିଠାରୁ ନୀତିକାନ୍ତି ଆରମ୍ଭ ହୋଇଥିଲା। ମହାସ୍ନାନ ପାଇଁ ଦର୍ଶନ ବି ବନ୍ଦ ରହିଥିଲା। ଫଳରେ ପ୍ରାୟ ଘଣ୍ଟାଏରୁ ଊର୍ଦ୍ଧ୍ୱ ନୀତିକାନ୍ତିରେ ବିଳମ୍ବ ହୋଇଥିଲା।

## ନର୍ସିଂକୁ ସେବା ଭାବେ ଗ୍ରହଣ କରିବାକୁ ପରାମର୍ଶ

ପୁରୀ,୮।୩(ସମିସ): ବାଳିଗୁଆଳିସ୍ଥିତ ପ୍ରିୟଙ୍କା ଦେବୀ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍ସ ପରିସରରେ ରବିବାର ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ଅନୁଷ୍ଠାନର ନିର୍ଦ୍ଦେଶକ ଡ. ବାବୁଲା ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ମହିଳା ସଶକ୍ତୀକରଣ ଓ ଉଚ୍ଚଶିକ୍ଷା କ୍ଷେତ୍ରରେ ମହିଳାମାନଙ୍କର ଭୂମିକା, ଅନ୍ତରୀକ୍ଷ ଗବେଷଣା, ଉନ୍ନତ ଚିକିତ୍ସା ପ୍ରଣାଳୀରେ ମହିଳାମାନେ କିଭଳି ଆଗରେ ରହିଛନ୍ତି ତାହା ବର୍ଣ୍ଣନା କରିଥିଲେ। ଅନୁଷ୍ଠାନର ସହନିର୍ଦ୍ଦେଶିକା ମଧୁସ୍ମିତା ରଥ ଛାତ୍ରଛାତ୍ରୀମାନଙ୍କୁ ନର୍ସିଂ କ୍ଷେତ୍ର ବୃତ୍ତି ନୁହେଁ ସେବା ଭାବରେ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ। ପ୍ରିୟଙ୍କା ଦେବୀ କଲେଜ୍ ଅଫ୍ ନର୍ସିଂ ଅଧ୍ୟକ୍ଷା କମଳା ପଣ୍ଡା, ସ୍କୁଲ୍ ଅଫ୍ ନର୍ସିଂ ଅଧ୍ୟକ୍ଷା ପାର୍ବତୀ ପରିଡ଼ା ଓ ଅନ୍ୟ କର୍ମଚାରୀମାନେ ମହିଳା ଦିବସର ମହତ୍ତ୍ୱ ବୁଝାଇଥିଲେ। ଏହି ଅବସରରେ ଏକ କୁଇଜ୍ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନେ 'ଥିମ୍ ଡ୍ୟାନ୍ସ' କରିଥିଲେ।

## ବାଲୁକା ଆନିମେସନରେ ଅଞ୍ଜୁ, ମଞ୍ଜୁଙ୍କ ସଫଳତା




ପୁରୀ,୮।୩(ସମିସ): ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ପ୍ରସିଦ୍ଧ ବାଲୁକା ଶିଳ୍ପୀ ମାନସ ସାହୁ ତାଙ୍କ ଷ୍ଟୁଡିଓରେ ଏକ ସ୍ୱତନ୍ତ୍ର ବାଲୁକା ଆନିମେସନ୍ ପ୍ରସ୍ତୁତ କରିଥିଲେ। ଏହାକୁ ପ୍ରେରଣାଦାୟୀ ମହିଳା ଅଞ୍ଜୁ ପ୍ରଧାନ ଓ ମଞ୍ଜୁ ମହାରଣାଙ୍କୁ ଉତ୍ସର୍ଗ କରିଥିଲେ। ଏହି ଦୁଇ ଭଉଣୀ ଯୋଡ଼ି ସୋନି ଟିଭିରେ ମାଷ୍ଟରସେଫ୍ ଇଣ୍ଡିଆରେ ସେମାନଙ୍କର ଅନନ୍ୟ ସଫଳତା ସହିତ ଓଡ଼ିଶାକୁ ଗର୍ବିତ କରିଥିଲେ। ଏହି ବାଲୁକା କଳାକୃତି ମହିଳା ଶକ୍ତି, ପ୍ରତିଭା ଏବଂ ଦୃଢ଼ ପ୍ରତିଜ୍ଞାକୁ ଦର୍ଶାଇଥିଲା। ଏହି ବାଲୁକା ଆନିମେସନ୍ ସମ୍ପୂର୍ଣ୍ଣ ହେବାକୁ ପ୍ରାୟ ୨ ଘଣ୍ଟା ସମୟ ଲାଗିଥିଲା। ଏଥିରେ ମହିଳା ସଶକ୍ତୀକରଣ ଏବଂ ବିଶ୍ୱ ଶାନ୍ତିର ବାର୍ତ୍ତା ଦେଇଥିଲେ ମାନସ।

## ଦ ବେଲ୍ ମହିଳା କ୍ରିକେଟ ଚାମ୍ପିଅନସିପ୍: ପୁରୀ ଚାମ୍ପିଅନ



ପୁରୀ,୮।୩(ସମିସ): ବିଶ୍ୱ ମହିଳା ଦିବସ ଅବସରରେ ଶ୍ରୀଜଗନ୍ନାଥ କ୍ରିକେଟ ଷ୍ଟାଡିୟମ୍‌ରେ ଆୟୋଜିତ ହୋଇଯାଇଛି ଦ ବେଲ୍ ମହିଳା କ୍ରିକେଟ ଚାମ୍ପିୟନସିପ୍। ଇନର ହୁଇଲ୍ କ୍ଲବ୍ ଶ୍ରୀକ୍ଷେତ୍ର ଦ୍ୱାରା ଆୟୋଜିତ ଏହି ଚାମ୍ପିଅନସିପ୍‌ରେ ଗଞ୍ଜାମ ବନାମ ପୁରୀ ମଧ୍ୟରେ ମ୍ୟାଚ୍ ଖେଳାଯାଇଥିଲା। ଏଥିରେ ପୁରୀ ବିଜୟୀ ହୋଇ ଦ ବେଲ୍ ଚାମ୍ପିଅନ ଟ୍ରଫି ହାସଲ କରିଛି। ଦ ବେଲ୍ ଅଧ୍ୟକ୍ଷ ସିଦ୍ଧାର୍ଥ ରାୟ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ଓଡ଼ିଶା ଥ୍ରୋ ବଲ୍ ଆସୋସିଏସନ ସମ୍ପାଦକ ଜିତେନ୍ଦ୍ରନାଥ ଦାସ, ବେଲ୍ ସମ୍ପାଦକ ରାଜ କିଶୋର ପାତ୍ର, ସମାଜସେବୀ ହର ପ୍ରସାଦ ମହାପାତ୍ର ପ୍ରମୁଖ ଯୋଗଦେଇ ପ୍ରତିଯୋଗୀଙ୍କୁ ଶୁଭେଚ୍ଛା ଜଣାଇଥିଲେ। ପ୍ରଥମେ ଟସ୍ ଜିତି ପୁରୀ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇ ୨୦ ଓଭରରେ ୭ ୱିକେଟ ବିନିମୟରେ ୧୩୦ ରନ୍ ସଂଗ୍ରହ କରିଥିଲା। ଜବାବରେ ଗଞ୍ଜାମ ୨୦ ଓଭରରେ ୫ ୱିକେଟ୍ ହରାଇ ୧୨୪ ରନ୍ ସଂଗ୍ରହ କରି ରନର୍ସ ଅପ୍ ହୋଇଥିଲା। ପୁରୀର ଯାଜ୍ଞସେନୀ ସାହୁ ଓମେନ୍ ଅଫ୍ ଦି ମ୍ୟାଚ୍ ଘୋଷିତ ହୋଇଥିଲେ। ପୁରୀର ଅଧିନାୟିକା ଉଗ୍ରଲିପି ପରିଡ଼ା ଓ ଉପ ଅଧିନାୟିକା ଶାଳିନୀ ଦାସ ଅତିଥିଙ୍କଠାରୁ ଚାମ୍ପିଅନ ଟ୍ରଫି ଗ୍ରହଣ କରିଥିଲେ। ଅମ୍ପାୟାର ଭାବେ ଅକ୍ଷୟ କୁମାର ପରିଡ଼ା, କେଶବ ଚନ୍ଦ୍ର ଦାସ ଓ ଭାଷ୍ୟକାର ଭାବେ ରୁସ୍ତମ୍ ମହମ୍ମଦ ମ୍ୟାଚ୍ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମକୁ ଇନର ହ୍ୱିଲ୍ କ୍ଲବ୍ ଶ୍ରୀକ୍ଷେତ୍ର ପୁରୀ ସଭାପତି ରାଜଲକ୍ଷ୍ମୀ ଦାସ, ସମ୍ପାଦିକା ମିନତି ନାୟକ, ଭେଟେରାନ ମହିଳା କ୍ରିକେଟିୟର ଭାଗ୍ୟଲକ୍ଷ୍ମୀ ଦାସ, ସୁନିତା ମିଶ୍ର ପ୍ରମୁଖ ପରିଚାଳନା କରିଥିଲେ। ଏହି ଅବସରରେ ମାଷ୍ଟର ସେଫ୍ ଅଞ୍ଜୁ ପ୍ରଧାନ ଓ ମଞ୍ଜୁ ଓଝା, କ୍ରିକେଟିୟର ଶାଳିନୀ ଦାସଙ୍କୁ ବିଶେଷ ଭାବେ ସମ୍ମାନିତ କରାଯାଇଥିଲା।

### ଯୁବ ନେତୃତ୍ୱ ସମ୍ମେଳନ ଉଦ୍‌ଯାପିତ

# 'ରାଷ୍ଟ୍ର ନିର୍ମାଣ ପାଇଁ ସଂକଳ୍ପ ନେଲେ ଯୁବ ନେତୃତ୍ୱ'

ପୁରୀ,୮।୩(ସମିସ)



ଭଗବାନ ପ୍ରକାଶ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ନଲେଜ ଆକ୍ସନ ଆଣ୍ଡ ଲିଡରସିପ୍ ପ୍ରମୋସନ (ବିକଳ୍ପ) ସଂଗଠନ ପକ୍ଷରୁ ୟୁଥ୍ ହଷ୍ଟେଲରେ ଅନୁଷ୍ଠିତ ତିନିଦିନିଆ ରାଷ୍ଟ୍ରୀୟ ଯୁବ ନେତୃତ୍ୱ ସମ୍ମେଳନ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଦେଶର ବିଭିନ୍ନ ରାଜ୍ୟରୁ ପ୍ରାୟ ୧୫୦ ଯୁବ ନେତୃତ୍ୱ ଯୋଗଦେଇଥିଲେ। ବିକଳ୍ପର ଯୁଗ୍ମ ମ୍ୟାନେଜିଂ ଟ୍ରଷ୍ଟି ତଥା ଏନ୍‌ଏଚ୍‌ଆର୍‌ସିର କୋର୍ କମିଟି ସଦସ୍ୟ ମନୋଜ ଜେନାଙ୍କ ଆବାହକତ୍ୱରେ ଆୟୋଜିତ ଉଦ୍‌ଯାପନୀ ସମାରୋହରେ ଫକୀର ମୋହନ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଡ. କୁମରବର ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଯୁବକମାନଙ୍କୁ ଚାକିରି ବା ଅନ୍ୟ ପାଖରେ କାର୍ଯ୍ୟ କରିବାର ମାନସିକତା ଛାଡ଼ି ଉଦ୍ୟୋଗୀ ମନୋଭାବ ନେଇ ନିଜସ୍ୱ ସଂସ୍ଥା ଗଢ଼ି ଦେଶର ଉନ୍ନତିରେ ଯୋଗଦାନ ପାଇଁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ଡ. ମିହିର ରଞ୍ଜନ ସେଠୀ, ମହିଳା ଆତ୍ମନିର୍ଭର ଅଭିଯାନର ଅଧ୍ୟକ୍ଷା ଡ. ରୀନା ରାଉତରାୟ, କିଟ୍ ବିଶ୍ୱବିଦ୍ୟାଳୟ ଏନ୍‌ଏସ୍‌ଏସ୍‌ର ସଂଯୋଜକ ଡ. ସ୍ମୃତିରଞ୍ଜନ ଦାସ, ଶିଳ୍ପୋଦ୍ୟୋଗୀ ହିମାଂଶୁ ପାଣିଗ୍ରାହୀ ଯୋଗଦେଇଥିଲେ। ଏନ୍‌ଏସ୍‌ଏସ୍ ପରାମର୍ଶଦାତା ପ୍ରଫେସର ଡ. ରଘୁନାଥ ମଣ୍ଡଳ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବିକଳ୍ପର ପ୍ରତିଷ୍ଠାତା ଡ. ଭଗବାନ ପ୍ରକାଶ ଅସୁସ୍ଥତା ଯୋଗୁଁ ଦିଲ୍ଲୀରୁ ଆଭାସୀ ମାଧ୍ୟମରେ ଯୁବ ନେତୃତ୍ୱମାନଙ୍କୁ ଆଗାମୀ ଦିନରେ ବିକଶିତ, ସୁସ୍ଥ ଓ ଶାନ୍ତିପୂର୍ଣ୍ଣ ରାଷ୍ଟ୍ର ନିର୍ମାଣ କ୍ଷେତ୍ରରେ ନୀତିବାନ ଭାବେ ସଂକଳ୍ପିତ ହୋଇ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ପୂର୍ବାହ୍ଣରେ ମହିଳା ଦିବସ ଅବସରରେ ସମସ୍ତ ଯୁବ ଓ ମହିଳା ଅଂଶଗ୍ରହଣକାରୀ ସଚେତନତା ଶୋଭାଯାତ୍ରାରେ ୟୁଥ୍ ହଷ୍ଟେଲରୁ ମହାତ୍ମା ଗାନ୍ଧୀ ପାର୍କ ପର୍ଯ୍ୟନ୍ତ ଯାଇ ପୁଣି ପ୍ରତ୍ୟାବର୍ତ୍ତନ କରିଥିଲେ। ଏହି ସମ୍ମେଳନରେ ଯୁବ ନେତୃତ୍ୱମାନଙ୍କୁ ଆଗାମୀ ଦିନରେ ଆସୁଥିବା ଆହ୍ୱାନ ଓ ସୁଯୋଗ, ଦକ୍ଷତା ବିକାଶ, ଉଦ୍ୟମିତା, ଯୁକ୍ତିଯୁକ୍ତ ବିଚାରଧାରା, ସାମ୍ବିଧାନିକ ମୂଲ୍ୟବୋଧ, ସାମାଜିକ ସଦ୍‌ଭାବନା, ଦୃଢ଼ ଗଣତନ୍ତ୍ର ପ୍ରତିଷ୍ଠାରେ ଯୁବ ଭୋଟରଙ୍କ ପ୍ରାଧାନ୍ୟତା ଆଦି ଗୁରୁତ୍ୱପୂର୍ଣ୍ଣ ରାଷ୍ଟ୍ର ନିର୍ମାଣ ପ୍ରସଙ୍ଗ ଉପରେ ପ୍ରଶିକ୍ଷଣ ଦିଆଯାଇଥିଲା। ଆଗାମୀ ଦିନରେ ଏହିପରି କାର୍ଯ୍ୟକ୍ରମ ରାଜ୍ୟ ତଥା ଦେଶର ବିଭିନ୍ନ ପ୍ରାନ୍ତରେ ଆୟୋଜନ କରାଯାଇ ଦକ୍ଷ ଯୁବ ନେତୃତ୍ୱ ସୃଷ୍ଟି ପାଇଁ ସଂଗଠନ ତରଫରୁ ପ୍ରୟାସ ଜାରି ରହିବ ବୋଲି ପ୍ରସନ୍ନ ବିଷୋୟୀ କହିଛନ୍ତି। ପ୍ରତିଦିନ ସନ୍ଧ୍ୟାରେ ଯୁବ ନେତୃତ୍ୱମାନଙ୍କ ତରଫରୁ ବିଭିନ୍ନ ରାଜ୍ୟର ଲୋକନୃତ୍ୟ, ସଙ୍ଗୀତ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମସ୍ତ ଯୁବ ନେତୃତ୍ୱଙ୍କୁ ଉପଢୌକନ, ଫଳକ ଓ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା।

## ଆହୁରି ସହଜ ହେବ ଢେଙ୍କାନାଳରୁ ପୁରୀ ଯାତ୍ରା

# କମିବ ଦୂରତା, ଏଡ଼ାଇ ହେବ କଟକ-ଭୁବନେଶ୍ୱର ଭିଡ଼

ନିରାକାରପୁର,୮।୩(ସମିସ): ଓଡ଼ିଶାର ପରିବହନ ବ୍ୟବସ୍ଥାରେ ଏକ ବଡ଼ ପରିବର୍ତ୍ତନ ଆସିବାକୁ ଯାଉଛି। କ୍ୟାପିଟାଲ ରିଜିଅନ ରିଂ ରୋଡ୍ (ସିଆର୍‌ଆର୍‌ଆର୍) ଏବଂ 'ନୂଆ ଜଗନ୍ନାଥ ସଡ଼କ'ର ସଂଯୋଗରେ ପଶ୍ଚିମ ଓ କେନ୍ଦ୍ରୀୟ ଓଡ଼ିଶାରୁ ପୁରୀ ଯାଉଥିବା ଶ୍ରଦ୍ଧାଳୁ ଓ ପର୍ଯ୍ୟଟକଙ୍କ ପାଇଁ ଯାତ୍ରା ଆହୁରି ସୁଗମ ହେବ। ଏହି ନୂତନ ମାର୍ଗ ଦ୍ୱାରା କେବଳ ଦୂରତା କମିବ ନାହିଁ, ବରଂ କଟକ ଏବଂ ଭୁବନେଶ୍ୱର ଭଳି ବ୍ୟସ୍ତବହୁଳ ସହରର ଟ୍ରାଫିକ ଜାମରୁ ମଧ୍ୟ ମୁକ୍ତି ମିଳିବ। ପ୍ରସ୍ତାବିତ ଯୋଜନା ଅନୁଯାୟୀ, ଢେଙ୍କାନାଳର ଗୋବିନ୍ଦପୁରରୁ ବାହାରି ପୁରୀରେ ପହଞ୍ଚିବା ପାଇଁ ଏକ ସମାନ୍ତରାଳ ଓ ଦ୍ରୁତଗାମୀ ରାସ୍ତା ପ୍ରସ୍ତୁତ ହେଉଛି। ଢେଙ୍କାନାଳ (ଗୋବିନ୍ଦପୁର) ରୁ ରାମେଶ୍ୱର କ୍ୟାପିଟାଲ ରିଜିଅନ ରିଂ ରୋଡ୍ ମାଧ୍ୟମରେ ଏହି ଦୂରତା ପ୍ରାୟ ୬୯ କିମି। ରାମେଶ୍ୱରରୁ ଚନ୍ଦନପୁର ନୂଆ ଜଗନ୍ନାଥ ସଡ଼କ ଦେଇ ଏହି ଦୂରତା ପ୍ରାୟ ୩୯ କିମି।ଚନ୍ଦନପୁରରୁ ପୁରୀ ମାତ୍ର ୮ ରୁ ୧୦ କିମି। ଏହାକୁ ମିଶାଇଲେ ଢେଙ୍କାନାଳରୁ ପୁରୀର ସମୁଦାୟ ଦୂରତା ପ୍ରାୟ ୧୧୬ ରୁ ୧୧୮ କିମି ହେବ। ବର୍ତ୍ତମାନ ମଙ୍ଗୁଳି, କଟକ, ଭୁବନେଶ୍ୱର ଓ ପିପିଲି ଦେଇ ଯାଉଥିବା ରାସ୍ତାର ଦୂରତା ପ୍ରାୟ ୧୨୭ କିମି, ଯାହା ତୁଳନାରେ ଏହି ନୂଆ ମାର୍ଗ ଯଥେଷ୍ଟ ଲାଭଦାୟକ। ୧୦ କିମି ଦୂରତା କମିବା ସହ ଟ୍ରାଫିକ ସମସ୍ୟା ନଥିବାରୁ ଯାତ୍ରା ସମୟ ବହୁତ କମିଯିବ। କଟକ ଓ ଭୁବନେଶ୍ୱର ସହର ଭିତରକୁ ନ ପଶି ସିଧାସଳଖ ପୁରୀ ଯାଇହେବ। ଢେଙ୍କାନାଳ ସମେତ ଅନୁଗୁଳ, ତାଳଚେର, ସମ୍ବଲପୁର, ରାଉରକେଲା ଓ ଝାରସୁଗୁଡ଼ା ଅଞ୍ଚଳର ଲୋକେ ସହଜରେ ପୁରୀ ଓ କୋଣାର୍କ ଯାଇପାରିବେ। ଯଦି ଏହି ସଡ଼କକୁ ରାଜ୍ୟ ରାଜପଥ ମାନ୍ୟତା ମିଳେ, ତେବେ ଏହାର ପ୍ରଶସ୍ତିକରଣ ଓ ଉନ୍ନତୀକରଣ ଯୋଗୁଁ ଯାତ୍ରା ଅଧିକ ନିରାପଦ ହେବ। ରାଜ୍ୟ ସରକାର ଜନସାଧାରଣଙ୍କ ସୁବିଧାକୁ ଦୃଷ୍ଟିରେ ରଖି "ନୂଆ ଜଗନ୍ନାଥ ସଡ଼କ'କୁ ଅଧିକ ପ୍ରଶସ୍ତ କରିବା ସହ ଏହାକୁ ଉନ୍ନତମାନର ଷ୍ଟେଟ୍ ହାଇୱେରେ ପରିଣତ କଲେ, ଏହା ଓଡ଼ିଶାର ପର୍ଯ୍ୟଟନ ଓ ପରିବହନ କ୍ଷେତ୍ରରେ ଏକ ମାଇଲଖୁଣ୍ଟ ସଦୃଶ ହେବ।

## ଖୋର୍ଦ୍ଧା-ବଲାଙ୍ଗିର ଜାତୀୟ ରାଜପଥରେ ଖାଲ

ବେଗୁନିଆ,୮।୩(ସମିସ): ଖୋର୍ଦ୍ଧା-ବଲାଙ୍ଗିର ୫୭ ନମ୍ବର ଜାତୀୟ ରାଜପଥରେ ଦିବା ଓ ରାତ୍ରରେ ପ୍ରତ୍ୟହ ଯାତ୍ରୀବାହୀ ବସ, ଲଘୁ ଓ ଭାରିଯାନ ଏବଂ ପଣ୍ୟବାହୀ ଯାନ ଆଦି ଯାତାୟାତ କରିଥାନ୍ତି। ଏହି ରାଜପଥରେ ଚାରି ମାସ ତଳେ ବିଭିନ୍ନ ସ୍ଥାନରେ ଖାଲ ହୋଇଥିବା ନେଇ ଗଣମାଧ୍ୟମରେ ଖବର ପ୍ରକାଶିତ ହେବାରୁ ଠିକାଦାର କେବଳ କେତେକ ସ୍ଥାନରେ ତାଳିପକା କାମ କରି ଚାଲିଯାଇଛନ୍ତି। ତେବେ



ଜାତୀୟ ରାଜପଥର ବେଗୁନିଆ ପୋଷ୍ଟ ଅଫିସ ଛକ ଠାରୁ ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ୫ ଶହ ମିଟର ଭିତରେ ପ୍ରାୟ ବିଭିନ୍ନ ସ୍ଥାନରେ ଛୋଟ ବଡ଼ ଖାଲ ସୃଷ୍ଟି ହୋଇଛି। ଏହା ଫଳରେ ଯାତାୟାତ କରୁଥିବା ମୋଟର ଯାନଗୁଡ଼ିକ କେତେବେଳେ ଖାଲରେ ପଡ଼ି ଦୁର୍ଘଟଣା ଘଟିବ ତାହା କହିବା ମୁସ୍କିଲ ହୋଇ ପଡ଼ିଛି। ଏଭଳି କାର୍ଯ୍ୟ ଠିକାଦାରଙ୍କ ଖାମଖିଆଲ ମନୋଭାବ ଯୋଗୁଁ ହୋଇଛି ବୋଲି ସଚେତନ ନାଗରିକମାନେ ଦୃଢ଼ତାର ସହ କହୁଥିବା ବେଳେ ସାଧାରଣରେ ଅସନ୍ତୋଷ ବ୍ୟାପିବାରେ ଲାଗି ରହିଛି।

## 'ପ୍ରଥମ ଓଡ଼ିଶା' ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ



ଟାଙ୍ଗୀ,୮।୩(ସମିସ): ଶିକ୍ଷା କ୍ଷେତ୍ରରେ ଅଗ୍ରଣୀ, ସ୍ୱେଚ୍ଛାସେବୀ ସଙ୍ଗଠନ "ପ୍ରଥମ ଓଡ଼ିଶା' ପକ୍ଷରୁ ଟାଙ୍ଗୀ ବ୍ଲକ୍‌ର ୧୦ଟି ଗ୍ରାମ- ଅଚ୍ୟୁତପୁର, କମାଗୁରୁ, ନାଳସିଂହ, ଭୂଷଣ୍ଡପୁର, ବାଲିପାଟପୁର, ଅଭୟମୁଖୀ, ଅଭିମାନପୁର, ତେନ୍ତୁଳିଆପଡ଼ା, ରସୁଲପୁର, ବୃନ୍ଦାବନପୁରଠାରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସରପଞ୍ଚ, ନାଏବ ସରପଞ୍ଚ, ୱାର୍ଡମେମ୍ବର, ଅଙ୍ଗନବାଡ଼ି କର୍ମୀ, ଏମ୍‌ବିକେ, ସିଆର୍‌ପି ପ୍ରମୁଖ ଯୋଗ ଦେଇଥିଲେ। ଏହି ଦିବସରେ ଅତିଥିମାନେ ମହିଳା ଦିବସର ମହତ୍ୱ ସମ୍ପର୍କରେ ପ୍ରତିପାଦନ କରିବା ସହିତ ମହିଳା ମାନଙ୍କର ସମାଜ ଏବଂ ଆମ ପ୍ରତି ଥିବା ମହତ୍ୱ ବିଷୟରେ ଆଲୋକପାତ କରିଥିଲେ। ଆନ୍ତର୍ଜାତିକ ମହିଳା ଦିବସ ଉପଲକ୍ଷେ ଗ୍ରାମର ସବୁ ମାଆ ଏବଂ ସ୍ୱେଚ୍ଛାସେବୀ ଙ୍କ ମନରେ ଆଗ୍ରହ ସୃଷ୍ଟି କରିବା ପାଇଁ ସେମାନଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ମ୍ୟୁଜିକ ଚେୟାର, ଆଳୁ ଚାମଚ, ରଙ୍ଗୋଲି ଆଦି ଅନୁଷ୍ଠିତ ହୋଇଥିଲା ଏଥି ସହିତ କୃତ ମାଆ ଏବଂ ସ୍ୱେଚ୍ଛାସେବୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଅତିଥିଙ୍କ ସହିତ ଅଭିଭାବକ, ଗ୍ରାମବାସୀ ମାନେ ମଧ୍ୟ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ "ପ୍ରଥମ ଓଡ଼ିଶା'ର ଜିଲ୍ଲା ସଂଯୋଜକ ରାକେଶ କୁମାର ବେହେରାଙ୍କ ସହିତ "ପ୍ରଥମ ଓଡ଼ିଶା'ର କର୍ମକର୍ତ୍ତା ଲକ୍ଷ୍ମୀପ୍ରିୟା, ସ୍ମିତା, ଓମ ପ୍ରକାଶିନୀ, ସ୍ୱର୍ଣ୍ଣଲତା, ମାନସ, ମମତା, ଗିରିଜା ପ୍ରସାଦ ପ୍ରମୁଖ ସୂଚାରୁରୂପେ ସମ୍ପାଦନ କରିଥିଲେ।

**● ଚାନ୍ଦପୁର ଦଶଦୋଳ ପଡ଼ିଆ ଜବର ଦଖଲ ଉଚ୍ଛେଦ ଘଟଣା**

# ପୁଣି ତେଜିଲା ଜନଆନ୍ଦୋଳନ

ଟାଙ୍ଗୀ,୮।୩(ସମିସ): ପ୍ରଶାସନର ପ୍ରୀୟାପ୍ରୀତି ଯୋଗୁଁ ପୁଣି ତେଜିଲା ଜନଆନ୍ଦୋଳନ। ରଣପୁର ତହସିଲଦାରଙ୍କ ଆଇନକୁ ଆଖିଠାର ସଦୃଶ ଲୋକଦେଖାଣିଆ ଚାନ୍ଦପୁର ଦଶଦୋଳ ପଡିଆ ସମ୍ମୁଖରୁ ଜବରଦଖଲ ଉଚ୍ଛେଦ ଘଟଣାକୁ ତୀବ୍ର ବିରୋଧ କରି ଜନ ଅସନ୍ତୋଷ ପୁଣି କୁହୁଳିବା ଆରମ୍ଭ କରିଛି। ନବେ ବର୍ଷର ପରମ୍ପରା ଚାନ୍ଦପୁର ଦଶଦୋଳ। ଚାନ୍ଦପୁର ଦଶଦୋଳ ପଡିଆକୁ ଜବର ଦଖଲ କରି ରଖିଥିବା ଦୋକାନ ଗୃହ ଓ କ୍ୟାବିନ କୁ ଉଚ୍ଛେଦ କରିବା ପାଇଁ ଗତବର୍ଷ ଚାନ୍ଦପୁର ।ଦଶଦୋଳ କମିଟି ତରଫରୁ ରଣପୁର ତହସିଲଦାର ଙ୍କୁ ଲିଖିତ ଅଭିଯୋଗ କରାଯାଇଥିଲା ଗତବର୍ଷ ତହସିଲଦାର ଏହି ଜବରଦଖଲ ଉଚ୍ଛେଦ କରିବା ନେଇ ନିର୍ଭର ପ୍ରତିଶ୍ରୁତି ପରେ ଦଶଦୋଳ ଯାତ୍ରା ସ୍ୱାଭାବିକ ହୋଇଥିଲା। କିନ୍ତୁ ଏକ ବର୍ଷ ବିତିଯାଇଥିଲେ ମଧ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆନଯିବାରୁ ବାଧହୋଇ ଚାନ୍ଦପୁର ଦଶଦୋଳ କମିଟି ତରଫରୁ ପୁଣି ଏକ ଦରଖାସ୍ତ ଦିଆଯାଇଥିଲା କ୍ଷ କିଛି ଦୋକାନି ମାନବାଧିକାର କମିଶନ ଙ୍କ ରହିତାଦେଶ ଦର୍ଶାଇ କେବଳ ୧୬ ଜଣ ଦୋକାନୀଙ୍କୁ ଗତ ୨ ତାରିଖରେ ଉଚ୍ଛେଦ ନୋଟିସ ଜାରି କରାଯାଇଥିଲା ଓ କମିଟି ର ସଦସ୍ୟ ମାନଙ୍କୁ ଉପସ୍ଥିତ ରହିବାପାଇଁ ଅନୁରୋଧ କରାଯାଇଥିଲା। କିନ୍ତୁ ରଣପୁର ତହସିଲଦାର ଧର୍ମକୁ ଆଖିଠାର ନ୍ୟାୟରେ ଲୋକ ଦେଖାଣିଆ ୫/୬ ଟି ଅର୍ଦ୍ଧ ଭଗ୍ନ କ୍ୟାବିନକୁ ଉଚ୍ଛେଦ କରିବା ପରେ ଆଉ ସମସ୍ତ ଦୋକାନ ପୂର୍ବ ପରି ଅକ୍ଷୁର୍ଣ୍ଣ ରଖି ପଳାଇଥିବା ଅଭିଯୋଗ ହୋଇଛି। ଫଳରେ ପୁଣି ଜନ ଅସନ୍ତୋଷ ଦେଖାଦେଇଛି। ଏହି ସମସ୍ୟାକୁ ନେଇ ଚାନ୍ଦପୁର ଗ୍ରାମ୍ୟ କମିଟି ତରଫରୁ ନୟାଗଡ଼ ଜିଲ୍ଲାପାଳ, ଆରକ୍ଷୀ ଅଧୀକ୍ଷକ ଓ ଚାନ୍ଦପୁର ଦଶଦୋଳ କମିଟିକୁ ପୁନଃ ଲିଖିତ ଅଭିଯୋଗ କରାଯାଇଥିବା ସୂଚନା ମିଳିଛି। ଫଳରେ ଚଳିତ ବର୍ଷ ଦଶଦୋଳ ଯାତ୍ରାକୁ ନେଇ ଅନିଶ୍ଚିତତା ଦେଖାଦେଇଛି। ଯଦି ଚଳିତ ବର୍ଷ ଦଶଦୋଳ ପର୍ବ ପୂର୍ବରୁ ଜବରଦଖଲ ସମ୍ପୂର୍ଣ୍ଣ ଉଚ୍ଛେଦ ନ ହୁଏ ତେବେ ଦଶଦୋଳ ପର୍ବର ଅଧିଷ୍ଠାତ୍ରୀ ଦେବୀ ମା ରାମଚଣ୍ଡୀ ଦେବୀଙ୍କୁ ଦଶଦୋଳ ପଡ଼ିଆ ସ୍ଥିତ ଆସ୍ଥାନକୁ ନ ନେବା ସହିତ ପାଟ ପଟୁଆର ନକରିବା ପାଇଁ ଲିଖିତ ଅଭିଯୋଗ ପ୍ରଦାନ କରିଛନ୍ତି ଚାନ୍ଦପୁର ଗ୍ରାମବାସୀ। ଏହି ସମସ୍ୟାର ଆଶୁ ସମାଧାନ ନିମନ୍ତେ ଅଞ୍ଚଳବାସୀ ଙ୍କ ତରଫରୁ ଦାବୀ ହୋଇଛି।

## ରାସ୍ତା ଉପରେ ଜଳିଗଲା ବ୍ୟାଟେରି ଚାଳିତ ସ୍କୁଟି

ବେଗୁନିଆ,୮।୩(ସମିସ): ବାଘମାରି-କଣ୍ଟିଲୋ ୪୮ ନମ୍ବର ରାଜ୍ୟ ରାଜପଥର ସିମୋର୍ - ବାଘମାରୀ ମଧ୍ୟରେ ରବିବାର ପୂର୍ବାହ୍ନରେ ଏକ ବ୍ୟାଟେରି ଚାଳିତ ସ୍କୁଟିରେ ନିଆଁ ଲାଗି ପାଉଁଶ ହୋଇଯାଇଛି। ଏହି ସ୍କୁଟିର ଚାଳକ ଅଘଟଣରୁ ରକ୍ଷା ପାଇ ଯାଇଥିବା ବେଳେ କୌଣସି କ୍ଷତି ହୋଇ ନାହିଁ ବୋଲି ପ୍ରତ୍ୟକ୍ଷଦର୍ଶୀ ମାନେ କହିଛନ୍ତି। ଏହି ଘଟଣାକୁ ବାଘମାରୀ ଥାନା ପୁଲିସକୁ ଯୋଗାଯୋଗ କରିବାରୁ କୌଣସି ଅଭିଯୋଗ ହୋଇ ନାହିଁ ବୋଲି ସୂଚନା ଦେଇଛନ୍ତି। ତେବେ ସ୍ଥାନୀୟ ଲୋକଙ୍କ ସୂଚନା ଅନୁଯାୟୀ ଚାଳକ ଜଣକ ହେଉଛନ୍ତି ନୟାଗଡ ଜିଲ୍ଲା ଭାପୁର ବ୍ଲକ ଫତେଗଡ ଅଞ୍ଚଳର ବୋଲି କହିଛନ୍ତି।

## ୧୯ରେ ନୀଳକଣ୍ଠେଶ୍ୱରଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ

ବେଗୁନିଆ,୮।୩(ସମିସ): ବେଗୁନିଆ ବ୍ଲକ୍ ପୋଡ଼ାଡିହ ପଞ୍ଚାୟତ ଦିନିଆରୀ (ନୀଳକଣ୍ଠ ପୁର) ଗ୍ରାମର ଆରାଧ୍ୟ ଦେବତା ନୀଳକଣ୍ଠେଶ୍ୱର ଦେବଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହେବ। ଏହା ଚଳିତ ମାସ ୧୯ ରିଖରୁ ଆରମ୍ଭ ହୋଇ ୨୨ ରିଖରେ ପୂର୍ଣ୍ଣାହୁତି ହେବ ବୋଲି ଅନୁଷ୍ଠାନର କର୍ମକର୍ତ୍ତାମାନେ ସୂଚନା ଦେଇଛନ୍ତି। ଏପରିକି ପ୍ରତ୍ୟହ ସନ୍ଧ୍ୟାରେ ଲୋକକଳା ପାଲା ବାଗ୍ମୀବାଣୀ ଗାୟିକା ଉର୍ମିଳା ସାହୁ, ଗାୟିକା ଟିକିନା ତ୍ରିପାଠୀଙ୍କ ଦ୍ୱାରା ପରିବେଷଣ କରାଯିବ। ଏଥିସହ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ ବୋଲି ସ୍ଥିରୀକୃତ ହୋଇଛି।

## ଶ୍ରୀଜଗନ୍ନାଥ ମହାବିଦ୍ୟାଳୟରେ ମହିଳା ଦିବସ



ନିରାକାରପୁର,୮।୩(ସମିସ): ଶ୍ରୀଜଗନ୍ନାଥଙ୍କ ମହାବିଦ୍ୟାଳୟ, କାଇପଦର ପରିସରରେ ଦୀର୍ଘ ଏକ ସପ୍ତାହ ଧରି ଚାଲିଥିବା ବାଳିକା ଆତ୍ମରକ୍ଷା କୌଶଳ ତାଲିମ ଶିବିର ଉଦ୍‌ଯାପିତ ହୋଇଛି। ଅନ୍ତର୍ଜାତିକ ମହିଳା ଦିବସ ଅଧକ୍ଷ ଶ୍ରୀଯୁକ୍ତ ଉମେଶ ଚନ୍ଦ୍ର ସାହୁଙ୍କ ପୌରହିତରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ଡକ୍ଟର ପ୍ରଜ୍ଞାପାରମିତା ଜେନା (ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ), ଖୋର୍ଦ୍ଧା ଜିଲ୍ଲା ସଦର ଥାନାର ଉପ ଆରକ୍ଷୀ ନିରୀକ୍ଷକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଆଜି ଭଳି ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ସମସ୍ତ ବାଳିକା ଓ ମହିଳାମାନେ ଆତ୍ମରକ୍ଷା ସହିତ ଆତ୍ମ ସଂଯମତା ପାଇଁ ଦୃଢ ସଂକଳ୍ପ ନେବା ଉଚିତ୍ ବୋଲି ମତ ଦେଇଥିଲେ। ଐତିହାସିକ ଡ଼କ୍ଟର ଜନ୍ମଜୟ ଚୌଧୁରୀ ଇତିହାସ ପୃଷ୍ଠରୁ ଶୀର ଭୂଷଣୀ ଚାରୁ ଲବଣୀ ପ୍ରତିମା ବଡମ୍ବା ଗଡର ରାଜ ଜେମା ତଥା ବର୍ଗ ଦୁର୍ଗର ପଟଅଙ୍ଗୀଙ୍କ ସତସିଂହବିହାର ପରାକାଷ୍ଠା ପ୍ରଦର୍ଶନ ପୂର୍ବକ କିଭଳି ନବ ଦୁର୍ଗକୁ ଏକାକୀ ରକ୍ଷା କରିପାରିଥିଲେ, ତାହାକୁ ରୋମଞ୍ଚନ କରିଥିଲେ। ମହାବିଦ୍ୟାଳୟର ଉପାଧ୍ୟକ୍ଷ ଶ୍ରୀଯୁକ୍ତ ପ୍ରତାପ କିଶୋର ଛୋଟରାୟ ସ୍ୱାଗତ ଭାଷଣରେ ବାଳିକା ଆତ୍ମରକ୍ଷା କୌଶଳ ଉପକାରିତା ଉପରେ ମନ୍ତବ୍ୟ ପ୍ରଦାନ କରିଥିଲେ। ଜାତୀୟ ସେବା ଯୋଜନାର କାର୍ଯ୍ୟକାରୀ ଅଧିକାରିଣୀ ତଥା ଆ।ରକ୍ଷା କୌଶଳ ଶିବିରର ସଂଯୋଜିକା ଅଧ୍ୟାପିକା ଅନୁପମା ଚମ୍ପତିରାୟ ଅତିଥି ପରିଚୟ ଦେବା ସହିତ ତାଙ୍କ ବକ୍ତବ୍ୟ ମାଧ୍ୟମରେ ବାଳିକାମାନେ ନିଜକୁ ସଚେତନ କରାଇବା ଦିଗକୁ ଗୁରୁତ୍ୱ ଦେଇଥିଲେ। କାର୍ଯ୍ୟକ୍ରମ ଅଧିକାରୀ ମାନସ କୁମାର ଜୟସିଂହ ଧନ୍ୟବାଦ ଅର୍ପଣ କରିଥିବା ବେଳେ, ଡଃ ସୁମନ୍ତ ଦେହେରୀ (+୨) କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଉକ୍ତ ସଭାରେ ମହାବିଦ୍ୟାଳୟର ବରିଷ୍ଠ ଅଧ୍ୟାପିକା ସଚଳା ସାମନ୍ତରାୟ, ସୁଜ୍ଞାନୀ ଭଞ୍ଜ ସାମନ୍ତ, ଡଃ ସଂଯୁକ୍ତା ପଟ୍ଟନାୟକ ଅଧ୍ୟାପକ ଭୁବନେଶ୍ୱର ନାୟକ, ଅନିତା ଦାସ, ସ୍ୱୟଂପ୍ରଜ୍ଞା ମାନ୍ଧାତା, ସବିତା ବେହେରା, ଯଶସ୍ୱିନୀ ସାହୁ ଇତ୍ୟାଦି ଯୋଗଦାନ କରିଥିଲେ। ଶେଷରେ ପ୍ରଶିକ୍ଷିକା କୁମାରୀ ଲୋପାମୁଦ୍ରା ସାମଲ୍ ଓ ନିକଟସ୍ଥ ଗ୍ରାମର ବହୁ ମହିଳାମାନଙ୍କୁ ସମ୍ମାନିତ କରାଯାଇଥିଲା।

**■ ରାଜ୍ୟସ୍ତରୀୟ ମହାବୀର ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦଯାପିତ**

# କୁମ୍ଭିଲୋ ବିବିଜି ଜୁନିୟର କ୍ଲବ୍ ଚାମ୍ପିଅନ

ବେଗୁନିଆ,୮।୩(ସମିସ): ବୋଲଗଡ଼ ବ୍ଲକ୍ ଗେଡ଼ିଆପଲ୍ଲୀ ପଞ୍ଚାୟତ ଶାମୁକାପାଟଣା ଖେଳ ପଡ଼ିଆ ପରିସରରେ ୧୮ ତମ ରାଜ୍ୟସ୍ତରୀୟ ମହାବୀର ଫୁଟବଲ ଟୁର୍ଣ୍ଣାମେଣ୍ଟର ରବିବାର ଦିନ ଅପରାହ୍ନରେ ଉଦ୍‌ଯାପିତ ହୋଇଛି। ଏଥିରେ କୁମ୍ଭିଲୋ ବିବିଜି ଜୁନିୟର ଫୁଟବଲ କ୍ଲବ ଓ ପାଇକତିଗିରିଆ ଏଜେ ଫୁଟବଲ୍ କ୍ଲବ ମଧ୍ୟରେ ଖେଳ ହୋଇଥିଲା। ପ୍ରଥମାର୍ଦ୍ଧ ଖେଳ ସଂଘର୍ଷପୂର୍ଣ୍ଣ ରହିଥିବା ବେଳେ ଦ୍ୱିତୀୟାର୍ଦ୍ଧରେ କୁମ୍ଭିଲୋ ବିବିଜି ଜୁନିୟର କ୍ଲବ ୧-୦ ଗୋଲ ଦେଇ ବିଜୟୀ ଘୋଷିତ ହୋଇଥିଲା। ରତ୍ନପ୍ରଭା ସାହୁ, ଶିକ୍ଷାବିତ୍ ମଧୁସୂଦନ ସାହୁ, କୃଷକ ନେତା କାହ୍ନୁ ଚରଣ ବେହେରା, ସମାଜସେବୀ ଭାଗବତ ମହାପାତ୍ର ଓ ଅଜୟ କୁମାର ଜୟସିଂହ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଖେଳାଳୀଙ୍କୁ ଉତ୍ସାହିତ କରିବା ସହ ଟ୍ରଫି ପ୍ରଦାନ କରିଥିଲେ। ଖେଳକୁ ମ୍ୟାଚ୍ କମିଶନର ଦୟାନ ଖାଁଙ୍କ ତତ୍ତ୍ୱାବଧାନରେ ରେଫରୀ ଚିତ ରଞ୍ଜନ ଖୁଣ୍ଟିଆ ନେତୃତ୍ୱରେ ଶିବ ଦେହୁରୀ ଓ ଦାଶରଥି ଖୁଣ୍ଟିଆ ଲାଇନ ମ୍ୟାନ ଭାବେ ରହି ସହଯୋଗ କରିଥିଲେ। ପୁରସ୍କାର ବିତରଣ ସଭାରେ ଗୁଡୁପାଙ୍ଗି ଆଦିବାସୀ ସାହିର ଗ୍ରାମ୍ୟ କମିଟି ସଭାପତି ଗଗନ ନାୟକଙ୍କ ଅଧକ୍ଷତା ଓ ଶିକ୍ଷକ ଦାଶରଥି ନାୟକଙ୍କ ସଂଯୋଜନାରେ ବିଧାୟକ ପ୍ରଦୀପ କୁମାର ସାହୁ ମୁଖ୍ୟଅତିଥି,ଭାପୁର ବ୍ଲକ ଉପାଧକ୍ଷ ବେଣୁଧର ପ୍ରଧାନ ମୁଖ୍ୟବକ୍ତା, ବୋଲଗଡ଼ ଉପାଧକ୍ଷ



ରମେଶ ଚନ୍ଦ୍ର ସାହୁ, ସମିତି ସଭ୍ୟ ରଞ୍ଜନ କୁମାର ପଣ୍ଡା,ଶିକ୍ଷୟିତ୍ରୀ ରତ୍ନପ୍ରଭା ସାହୁ, ଶିକ୍ଷାବିତ୍ ମଧୁ ସୁଦନ ସାହୁ, କୃଷକ ନେତା କାହ୍ନୁ ଚରଣ ବେହେରା, ସମାଜସେବୀ ଭାଗବତ ମହାପାତ୍ର ଓ ଅଜୟ କୁମାର ଜୟସିଂହ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ପରେ ବିଜେତା ଓ ଉପବିଜେତା ଦଳକୁ ୫ ଫୁଟ ଉଚ୍ଚର ଟ୍ରଫି ସହ ୬ ହଜାର ଟଙ୍କା ଏବଂ ୪ ହଜାର ଟଙ୍କା ପ୍ରଦାନ କରିଥିଲେ। ଶେଷରେ ସମ୍ପାଦକ ହେମନ୍ତ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ



ଟାଙ୍ଗୀ,୮।୩(ସମିସ): ଟାଙ୍ଗୀ ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚ ତରଫରୁ ପ୍ରଭୁଶ୍ରୀ ବଳରାମ ଦେବ ମନ୍ଦିର ଠାରେ ମଞ୍ଚ ଉପଦେଷ୍ଟା ତଥା ଶିକ୍ଷାବିତ ରମେଶ କୁମାର ବଳବନ୍ତରାୟ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ବିଜୟ କୁମାର ରାଉତଙ୍କ ଆବାହକତ୍ୱରେ ଆଲୋଚନା ଚକ୍ର ଓ ପ୍ରତିଭା ସମ୍ମାନ ସମାରୋହ କରାଯାଇଥିଲା। ସମାଜରେ ମହିଳା ଅବଳା ଦୁର୍ବଳା କି ଶୀର୍ଷକ ଆଲୋଚନାରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଲିଙ୍ଗରାଜ ସାହୁ, ମହେଶ୍ୱର ପ୍ରଧାନ, ଉମେଶ ପ୍ରସାଦ ଧଳ, ସାରଙ୍ଗଧର ପାଲଟା ସିଂ, ରଘୁନାଥ ସାହୁ, ଅବସରପ୍ରାପ୍ତ ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ରବୀନ୍ଦ୍ର କୁମାର ନାୟକ, ତାରା ପ୍ରସାଦ ପଟ୍ଟନାୟକ, ଶିକ୍ଷକ ନେତା ସନ୍ତୋଷ କୁମାର ବେହେରା, ଆଇନଜୀବୀ ବିଶ୍ୱଜିତ ରାଉତରାୟ, ନକୁଳ ନାୟକ,ସାଂସଦ ପ୍ରତିନିଧି ଚିନ୍ମୟ କୁମାର ପୃଷ୍ଟି, ପ୍ରାକ୍ତନ ଛାତ୍ର ନେତା ବିଚ୍ଛେନ୍ଦ ଜୟ ସିଂ, ପୂର୍ବତନ ସେନାନୀ ଅଧିକାରୀ ସୁବୁଧି, ଶିକ୍ଷୟିତ୍ରୀ କୁମୁଦିନି ସାହୁ ପ୍ରମୁଖ ଭାଗନେଇ ନାରୀ ସେ କେବେ ଜନନୀ,ଭଗିନୀ,ଜାୟା ଭାବେ ଭୂମିକା ନିର୍ବାହ କରେ ତ କେବେ ପାଲଟେ ସେବିକା,ସୁରକ୍ଷାଦାତ୍ରି ସର୍ବୋତମା।ତେଣୁ ମହିଳାଙ୍କ ସର୍ବାଙ୍ଗୀନ ଉନ୍ନତି ବିନା ବିକଶିତ ରାଷ୍ଟ୍ର ଗଠନ ଅସମ୍ଭବ ବୋଲି ମନ୍ତବ୍ୟ ରଖିଥିଲେ।ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ପ୍ରଧାନ ଶିକ୍ଷୟତ୍ରୀ ଜୋସ୍ନାମଣୀ ମଙ୍ଗରାଜ, ଷ୍ଟେଟ ବିଗ୍ରେଡ ସ୍କୁଲ ପ୍ରତିଷ୍ଠାତା ବିଜୟନୀ ସୁଦକ୍ଷିଣା ଦାଶ,ୱାର୍ଡ ସଭ୍ୟା ପ୍ରଣତିବାଳା ସାହୁ, ଅଙ୍ଗନବାଡ଼ି କର୍ମୀ ପ୍ରଭାସିନୀ ଛୋଟରାୟ, ମଞ୍ଜୁଲତା ଇନ୍ଦ୍ରଜିତ, ରୀନା ସାହୁ, ଆଇନଜୀବୀ ରମାମଣି ଦେଇ, ସମାଜସେବୀ ପ୍ରଭାତି ଲେଙ୍କା, ସଫେଇ କର୍ମଚାରୀ ଅନି ନାଏକ ଙ୍କୁ ସମ୍ବର୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ରାମଚନ୍ଦ୍ର ସାହୁ,ଦୁର୍ଗା ଚରଣ ପାତ୍ର,ଶରତ ଚନ୍ଦ୍ର ପଟ୍ଟନାୟକ ପ୍ରମୁଖ ପରିଚାଳନା କରିଥିଲେ।ଉପସଭାପତି ସୁରେନ୍ଦ୍ର କୁମାର ରାଉତ ଧନ୍ୟବାଦ ପ୍ରଦାନ କରିଥିଲେ।

## ବରିଷ୍ଠ ନାଗରିକଙ୍କ ଦର୍ଶନୀୟ ସ୍ଥାନ ପରିଭ୍ରମଣ



ବେଗୁନିଆ,୮।୩(ସମିସ): ବେଗୁନିଆ ସଦର ମହକୁମାସ୍ଥିତ ମା' ବରମୂଳେଇ ବରିଷ୍ଠ ନାଗରିକ ସଂଘ ପକ୍ଷରୁ ଏକ ଦିବସୀୟ ଦର୍ଶନୀୟ ସ୍ଥାନ ପରିଭ୍ରମଣ କରିଛନ୍ତି। ଏଥିରେ ଗୋପାଳ ପ୍ରସାଦ ପାର୍କ, ବିଷ୍ଣୁ ମନ୍ଦିର, ଫତେଗଡ଼ ରାମ ମନ୍ଦିର, ବୈଦେଶ୍ୱର ସିଂହନାଥ, ରାମନାଥ, ଟି ବ୍ରିଜ, ବଡ଼ମ୍ବା ମା' ଭଟ୍ଟାରିକା ପୀଠ, ଚମ୍ପେଶ୍ୱର ମହାଦେବ ମନ୍ଦିର, ଦେଓଝର, ସିଧାମୂଳା ଗୋକୁଳାନନ୍ଦ ଆଶ୍ରମ ଓ କଣ୍ଟିଲୋ ନୀଳମାଧବ ମନ୍ଦିର ଆଦି ଦର୍ଶନୀୟ ସ୍ଥାନ ପରିଭ୍ରମଣ କରି ଅନୁଭୂତିକୁ ପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମଟି ଅନୁଷ୍ଠାନର ସଭାପତି ଦିଲ୍ଲୀପ କୁମାର ସାହୁ ଓ ସମ୍ପାଦକ ମନ ମୋହନ ମିଶ୍ରଙ୍କ ତତ୍ତ୍ୱାବଧାନରେ ସୁଚାରୁ ରୂପେ ସମାପନ ହୋଇଥିଲା।

# ଅଧାରେ ଅଟକିଲା ବୋଲଗଡ଼ ପଞ୍ଚାୟତ ସମିତି ବୈଠକ

## 'ଆୟୁଷ୍ମାନ' କାର୍ଯ୍ୟକ୍ରମର ବ୍ୟୟ ହିସାବ ମାଗିଲେ ଜନପ୍ରତିନିଧି

ବୋଲଗଡ଼,୮।୩(ସମିସ): ବୋଲଗଡ଼ ପଞ୍ଚାୟତ ସମିତିର ୮ମ ବୈଠକ ଶନିବାର ଅନୁଷ୍ଠିତ ହୋଇଥିଲା। ମାତ୍ର ଏହି ବୈଠକ ଚାଲିଥିବା ବେଳେ ଆୟୁଷ୍ମାନ ଯୋଜନା ସଚେତନା କାର୍ଯ୍ୟକ୍ରମର ବ୍ୟୟ ହିସାବ ମାଗିଥିଲେ ଅଧିକାଂଶ ପଞ୍ଚାୟତ ପ୍ରତିନିଧି। ଯାହାକୁ ନେଇ ହୋ-ହାଲ୍ଲା ଆରମ୍ଭ ହୋଇଥିଲା। ସ୍ଥିତି ଏପରି ହୋଇଥିଲା ଯେ ବୈଠକ ଅଧାରୁ ଅଟକି ଯାଇଥିଲା।

ବ୍ଲକ ପ୍ରଶାସନ ପକ୍ଷରୁ ଏହାର କୌଣସି ହିସାବ ମିଳିପାରି ନ ଥିଲାବେଳେ ପରବର୍ତ୍ତୀ ସମୟରେ ଏହା ଜଣାଇ ଦିଆଯିବ ବୋଲି କୁହାଯାଇଥିଲା। ମାତ୍ର ଏଥିରେ ସନ୍ତୁଷ୍ଟ ହୋଇନଥିଲେ ପ୍ରତିନିଧିମାନେ। ଫଳରେ ବୈଠକଙ୍କୁ ସ୍ଥଗିତ ରଖାଗଲା ବୋଲି ସଭାପତିତ୍ୱ କରୁଥିବା ଉପାଧ୍ୟକ୍ଷ



ରମେଶ ଚନ୍ଦ୍ର ସାହୁ ଘୋଷଣା କରିବା ସହିତ ଆଗାମୀ ୧୮ ତାରିଖରେ ପୁନଃ ଉକ୍ତ ଅଧିବେଶନ ଅନୁଷ୍ଠିତ ହେବ ବୋଲି କହିଥିଲେ। ଏହାବ୍ୟତୀତ ବୋଲଗଡ଼ ପଞ୍ଚାୟତ ସମିତିର ସପ୍ତମ ଅଧିବେଶନର ବିବରଣୀ ସଭା ବହିରେ ଏଯାବତ ଲିପିବଦ୍ଧ ହୋଇନଥିବାରୁ ପଞ୍ଚାୟତ ପ୍ରତିନିଧିମାନେ କ୍ଷୋଭ ପ୍ରକାଶ କରିବା ସହିତ ବିଭାଗୀୟ ଅଧିକାରୀ ତୁରନ୍ତ ପୂର୍ବ ଅଧିବେଶନର ବିବରଣୀ ସଭା ବହିରେ ଲିପିବଦ୍ଧ କରିବାକୁ ଦାବି କରିଥିଲେ। ଉକ୍ତ ବୈଠକ ବିଡିଓ ସୁମନ ସୁଧା କୁଣ୍ଡୁଙ୍କ ଆବାହକତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ଲକ ଅଧ୍ୟକ୍ଷା ହୁଲାସ ପ୍ରଧାନ, ଏବିଡିଓ ଡ. ରତିକାନ୍ତ ମିଶ୍ର, ସହକାରୀ ନିର୍ବାହୀ ଯନ୍ତ୍ରୀ ଐଶ୍ୱର୍ଯ୍ୟ ଭଞ୍ଜଦେଓ, ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ୍ତ କିଶୋର ଛୋଟରାୟ ସୁବାଷ ଚନ୍ଦ୍ର ରାୟଗୁରୁ ଓ ବ୍ଲକ ଗ୍ରାମପଞ୍ଚାୟତ ଅଧିକାରିଣୀ ସୋନାଲି ସାହୁ ପ୍ରମୁଖଙ୍କ ସମେତ ବ୍ଲକ୍‌ର ବିଭିନ୍ନ ବିଭାଗୀୟ ଅଧିକାରୀ, କର୍ମଚାରୀ ଓ ଯନ୍ତ୍ରୀ ମାନେ ଯୋଗଦେଇଥିଲେ।

